ଆଜି - ବୁଧବାର
ତାରିଖ - ୦୧ ଅପ୍ରେଲ ୨୦୨୬
ମାସ - ମୀନ, ଦିନ - ୧୮
ତିଥି - ଚତୁର୍ଦ୍ଦଶୀ, ପକ୍ଷ-ଶୁକ୍ଳ
ନକ୍ଷତ୍ର - ଉ.ଫାଲ୍‌ଗୁନୀ,କନ୍ୟା, ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୪୪: ୦୦
ସୂର୍ଯ୍ୟାସ୍ତ - ୫ : ୪୭ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ଭଲ ଦିଗକୁ ଯିବାର ରାସ୍ତାଟି ସର୍ବାଧିକ ଦୁର୍ଗମ ଓ ବନ୍ଧୁର । ଏହା ହିଁ ଆଶ୍ଚର୍ଯ୍ୟର କଥା ଯେ ଏତେ ଲୋକ ସଫଳକାମ ହୁଅନ୍ତି, ବହୁ ଲୋକ ଯେ ପଡ଼ିଯାନ୍ତି ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ସହସ୍ର ପଦସ୍ଖଳନ ଭିତର ଦେଇ ଚରିତ୍ର ଗଠିତ ହୁଏ ।"

- ସ୍ୱାମୀ ବିବେକାନନ୍ଦ


E-News : www.Ajikali epaper.com

Vol.- 40 ISSUE- 347 R.N.I. REGD. No. 44026/86 ବାଲେଶ୍ୱର ୦୧ ଅପ୍ରେଲ ୨୦୨୬ ବୁଧବାର BALASORE 01 APRIL 2026 WEDNESDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


## ଗୁଜୁରାଟ ଭାଭ-ଥାରଡରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ




ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବନାସକାଣ୍ଠା ଜିଲ୍ଲାର ଭାଭ-ଥାରଡରେ ଏକ ସାଧାରଣ ସମାବେଶକୁ ସମ୍ବୋଧିତ କରିଛନ୍ତି, ଯେଉଁଠାରେ ସେ ଉତର ଗୁଜରାଟ ପାଇଁ ପ୍ରାୟ ୨୦,୦୦୦ କୋଟି ମୂଲ୍ୟର ବିକାଶ ପ୍ରକଳ୍ପର ଉଦଘାଟନ ଏବଂ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି । ନବରାତ୍ରିର ପବିତ୍ର ପର୍ବ ଏବେ ସମାପ୍ତ ହୋଇଛି ଏବଂ ଏହି ଦିନଟି ଭଗବାନ ମହାବୀର ଜୟନ୍ତୀ ମଧ୍ୟ ପାଳନ କରୁଛି ବୋଲି ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ମା ଅମ୍ବାଜୀ ଏବଂ ଭଗବାନ ଶ୍ରୀ ଧରଣୀଧରଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ପ୍ରଥମ ଥର ପାଇଁ ଦୀସା ଏୟାରବେସରେ ସିଧାସଳଖ ଅବତରଣ କରି ପ୍ରଧାନମନ୍ତ୍ରୀ ଏହାର ରଣନୈତିକ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ, କାରଣ ଏହା ଅନ୍ତର୍ଜାତୀୟ ସୀମାଠାରୁ ମାତ୍ର ୧୩୦ କିଲୋମିଟର ଦୂରରେ ଅବସ୍ଥିତ । ସେ ସୂଚାଇଥିଲେ ଯେ ଦୀସା ବିମାନବନ୍ଦରର ସମ୍ପ୍ରସାରଣ ଦଶନ୍ଧି ଧରି ଅଟକି ରହିଥିଲା, କିନ୍ତୁ ଚାଷୀମାନେ ସ୍ୱେଚ୍ଛାକୃତ ଭାବରେ ପ୍ରକଳ୍ପ ପାଇଁ ସେମାନଙ୍କର ଜମି ଦେଇଥିଲେ । ପ୍ରଧାନମନ୍ତ୍ରୀ ମୋଦୀ ମନ୍ତବ୍ୟ ଦେଇଥିଲେ ଯେ 'ଆମର ସରକାର ଏହି କାର୍ଯ୍ୟକୁ ପ୍ରାଥମିକତା ଦେଇ ସମାପ୍ତ କରିଛି,' ଏହା ସହିତ ବିମାନବନ୍ଦର ଏକ ବିକାଶମୂଳକ ମାଇଲଖୁଂଟ ଏବଂ ଦେଶ ପାଇଁ ଏକ ପ୍ରମୁଖ ରଣନୈତିକ ସମ୍ପତି । ଭାଭ-ଥରଡ ଏବଂ ବନାସକାଣ୍ଠା ଅଂଚଳ ସହିତ ତାଙ୍କର ଗଭୀର ବ୍ୟକ୍ତିଗତ ସମ୍ପର୍କକୁ ମନେ ପକାଇ ପ୍ରଧାନମନ୍ତ୍ରୀ ଜଣେ ସଂଗଠନ କର୍ମୀ ଭାବରେ ତାଙ୍କ ଦିନ ବିଷୟରେ କହିଥିଲେ, ଯେତେବେଳେ ସେ ଅଂଚଳର ଗ୍ରାମଗୁଡ଼ିକରେ ଦୀର୍ଘ ସମୟ ବିତାଇଥିଲେ । ସେ ଅଂଚଳର ମା' ଏବଂ ଭଉଣୀମାନଙ୍କ ଦ୍ୱାରା ପ୍ରେମର ସହିତ ପ୍ରସ୍ତୁତ ବାଜରା ରୋଟଲା, ଘିଅ, ଗୌଡ଼ ଏବଂ ସୀରାକୁ ସ୍ନେହରେ ମନେ ପକାଇଥିଲେ । ଏହି ଅଂଚଳର ବିକାଶ ସହିତ ତାଙ୍କର ୨୫ ବର୍ଷର ସମ୍ପର୍କକୁ ପ୍ରତିଫଳିତ କରି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ମୁଖ୍ୟମନ୍ତ୍ରୀ ଭାବରେ ଆରମ୍ଭ କରିଥିବା ବିକାଶର ଶୃଙ୍ଖଳ ନିରନ୍ତର ଜାରି ରହିଛି, ବର୍ତମାନ ୨୦୧୪ ଠାରୁ ବର୍ତମାନର ସରକାର ଦ୍ୱାରା ଏହାକୁ ଆହୁରି ମଜବୁତ କରାଯାଇଛି । ଆଜି ଆରମ୍ଭ ହୋଇଥିବା ପ୍ରକଳ୍ପଗୁଡ଼ିକ ଶକ୍ତି, ରାସ୍ତା, ରେଳ ଏବଂ ଗୃହ ନିର୍ମାଣକୁ ନେଇ ଆଲୋକପାତ କରି ପ୍ରଧାନମନ୍ତ୍ରୀ ମୋଦୀ ଦୃଢ଼ ଭାବରେ କହିଥିଲେ, '୨୦,୦୦୦ କୋଟି ଟଙ୍କାର ଏହି ପ୍ରକଳ୍ପଗୁଡ଼ିକ ଏହି ଅଂଚଳର ସମଗ୍ର ଚିତ୍ରକୁ ପରିବର୍ତନ କରିବ ଏବଂ ଏଠାରେ ଜୀବନକୁ ନୂତନ ଗତି ଦେବ ।'ସଡ଼କ ଭିତିଭୂମି ପ୍ରକଳ୍ପଗୁଡ଼ିକର ବିସ୍ତୃତ ବିବରଣୀ ଦେଇ ପ୍ରଧାନମନ୍ତ୍ରୀ ଇଡରରୁ ଭାଡାଲି ବାଇପାସ୍ ପର୍ଯ୍ୟନ୍ତ ୪ ଲେନ୍ ରାଜପଥ, ଧୋଲାଭିରାରୁ ସାନ୍ତାଲପୁର ପର୍ଯ୍ୟନ୍ତ ରାଜପଥ ଉନ୍ନତିକରଣ ଏବଂ ସମ୍ପୂର୍ଣ୍ଣ ଅହମ୍ମଦାବାଦ-ଧୋଲେରା ଏକ୍ସପ୍ରେସୱେ କରିଡରର ସମର୍ପଣ ବିଷୟରେ କହିଥିଲେ । ସେ ଗୁରୁତ୍ୱାରୋପ କରିଥିଲେ ଯେ ଏପରି ସଂଯୋଗୀକରଣ ଶିଳ୍ପ, ନିବେଶ ଏବଂ ସୁଯୋଗ ଆଣିଥାଏ । ରେଳ ସଂଯୋଗୀକରଣ ବିଷୟରେ, ସେ ହିମ୍ମତନଗରରୁ ଖେଦବ୍ରହ୍ମା ପର୍ଯ୍ୟନ୍ତ ଗଜ୍ ପରିବର୍ତନ ଉପରେ ଆଲୋକପାତ କରିଥିଲେ, ଯାହା ଉତର ଗୁଜରାଟର ଆଦିବାସୀ ଅଂଚଳଗୁଡ଼ିକୁ ଜାତୀୟ ବ୍ରଡଗେଜ୍ ନେଟୱାର୍କ ସହିତ ସଂଯୋଗ କରେ, ଏବଂ ଖେଦବ୍ରହ୍ମା, ହିମ୍ମତନଗର ଏବଂ ଅସରୱାକୁ ସଂଯୋଗ କରୁଥିବା ଏକ ନୂତନ ଟ୍ରେନ୍ ସେବାର ଶୁଭାରମ୍ଭ ଉପରେ ଆଲୋକପାତ କରିଥିଲେ ।

## ପଣ୍ଡିତ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରକଳ୍ପର ଅଟକଳ ବଢ଼ାଇବାକୁ ପରାମର୍ଶ ଦେଲେ ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର : ମଙ୍ଗଳବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟରେ ଆରମ୍ଭ ହୋଇଥିବା ପଣ୍ଡିତ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରକଳ୍ପ ଅଗ୍ରଗତି ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପାଇଁ ଜାଗା ନିରୂପଣ, ବିଦ୍ୟାଳୟ ବିଲ୍ ?ଡିଂର ଡାଁ । ଏବଂ ଏଥିନିମନ୍ତେ ଆବଶ୍ୟକୀୟ ବ୍ୟୟ ଅଟକଳ ବିଷୟରେ ବୈଠକର ଆଲୋଚନା ହୋଇଥିଲା । ଶିଳାନ୍ୟାସ ହୋଇଥିବା ସମସ୍ତ ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ତ୍ୱରିତ ଗତିରେ ଆଗକୁ ନେବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ଆଗାମୀ ସମୟକୁ ଦୃଷ୍ଟିରେ ରଖି ବିଦ୍ୟାଳୟରେ ଶ୍ରେଣୀ ସଂଖ୍ୟା ବଢ଼ାଇବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ । ପ୍ରତ୍ୟେକ ବିଦ୍ୟାଳୟ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ପ୍ରାଥମିକ ପର୍ଯ୍ୟାୟରେ ସଠିକ୍ ବ୍ୟୟ ଅଟକଳ ନିର୍ଦ୍ଧାରଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଦ୍ୟାଳୟମାନଙ୍କ ପାଇଁ ଅଧିକ ଅର୍ଥରାଶି ଯୋଗାଇ ଦିଆଯିବ ବୋଲି ସେ ବୈଠକରେ କହିଥିଲେ । ପ୍ରାଥମିକ ବିଦ୍ୟାଳୟରେ ପଢୁଥିବା ପିଲାମାନେ ବୟସରେ ବହୁତ ସାନ ତେଣୁ ସେମାନଙ୍କ ପାଠ ପଢ଼ା ସହ ଖେଳ କରସତ ପାଇଁ ମଧ୍ୟ ପର୍ଯ୍ୟାପ୍ତ ସୁବିଧା ଏହି ବିଦ୍ୟାଳୟ ପ୍ରକଳ୍ପରେ ସାମିଲ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଉକ୍ତ ବୈଠକରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ ସିଂହ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ ମିଶ୍ର, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଡ. ଏନ୍. ତିରୁମାଳା ନାଏକ. ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ଶାସନ ସଚିବ ଅନୁପମ୍ ସାହା, ଓସେପା ନିର୍ଦ୍ଦେଶିକା ଅନନ୍ୟା ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ଆସାମ ବିଧାନସଭା ନିର୍ବାଚନ ପାଇଁ ବିଜେପିର ସଂକଳ୍ପ ପତ୍ର ଜାରି କଲେ ଅର୍ଥମନ୍ତ୍ରୀ



ଗୌହାଟୀ : ଆସାମ ପ୍ରଦେଶ ଭାରତୀୟ ଜନତା ପାର୍ଟି (ବିଜେପି) ମଙ୍ଗଳବାର ସକାଳେ ପାର୍ଟି ମୁଖ୍ୟାଳୟ 'ଅଟଳ ବିହାରୀ ବାଜପେୟୀ ଭବନ'ରେ ବିଧାନସଭା ନିର୍ବାଚନ ପାଇଁ 'ସଙ୍କଳ୍ପ ପତ୍ର' ଜାରି କରିଛି । ଏହି ସଙ୍କଳ୍ପ ପତ୍ରର ଔପଚାରିକ ଉନ୍ମୋଚନ କେନ୍ଦ୍ରୀୟ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କରିଥିଲେ । କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ, ମୁଖ୍ୟମନ୍ତ୍ରୀ ଡା. ହିମନ୍ତ ବିଶ୍ୱ ସର୍ମା, ପ୍ରଦେଶ ବିଜେପି ଅଧ୍ୟକ୍ଷ ଏବଂ ସାଂସଦ ଦିଲୀପ ସୈକିଆ, କେନ୍ଦ୍ରୀୟ ମନ୍ତ୍ରୀ ପବିତ୍ର ମାର୍ଘେରିଟା, ଆସାମ ବିଜେପିର ପ୍ରଭାରୀ ବୈଜୟନ୍ତ ପଣ୍ଡା, ଆସାମ ସରକାରଙ୍କ ମନ୍ତ୍ରୀ ରଞ୍ଜିତ କୁମାର ଦାସ, ସାଂସଦ ପ୍ରଦାନ ବରୁଆ ଆଦି ଉପସ୍ଥିତ ଥିଲେ । ସୀତାରମଣ ଆସାମରେ ବିଜେପି ନେତୃତ୍ୱାଧୀନ ରାଜଗ ସରକାରଙ୍କ ଗତ ଦଶବର୍ଷର କାର୍ଯ୍ୟକଳାପ ସମ୍ପର୍କରେ ତଥ୍ୟ ଦେଇ ରୋଜଗାର, ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ସୁରକ୍ଷା, ଆଧାରଭୂତ ଢାଂଚା, ଶାନ୍ତି, ମହିଳା ଉନ୍ନତି ଇତ୍ୟାଦି ବିଷୟରେ ଆଲୋକପାତ କରିଥିଲେ । ସେ କଂଗ୍ରେସ ସରକାର ଦ୍ୱାରା ରାଜ୍ୟର ଅବହେଳା ମୁଦ୍ଦାକୁ ମଧ୍ୟ ଉଠାଇଥିଲେ । ସେ ଆସନ୍ତା ପାଂଚବର୍ଷରେ ରାଜ୍ୟର ସମଗ୍ର ଉନ୍ନତି ପାଇଁ ବିଜେପିଙ୍କ ସଙ୍କଳ୍ପ ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ । କାର୍ଯ୍ୟକ୍ରମର ଆରମ୍ଭରେ ଅଧ୍ୟକ୍ଷ ଦିଲୀପ ସୈକିଆ ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ ସଙ୍କଳ୍ପ ପତ୍ର ପ୍ରସ୍ତୁତି ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସେ ବିସ୍ତାରିତ ତଥ୍ୟ ଦେଇଥିଲେ । ଏହାସହିତ କେନ୍ଦ୍ରୀୟ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ମଧ୍ୟ ଏହି ଅବସରରେ ନିଜ ମତାମତ ପ୍ରକାଶ କରିଥିଲେ ।

## ଅନୁଗୋଳ ଆଠମଲ୍ଲିକର ସର୍ବାଙ୍ଗୀନ ବିକାଶ ପାଇଁ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ




ଅନୁଗୋଳ/ଆଠମଲ୍ଲିକ : ୧୯୩୬ ଏପ୍ରିଲ ୧ରେ ଭାଷାଭିତିକ ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ପ୍ରଦେଶ ଗଠିତ ହୋଇଥିଲା । ୨୦୩୬ରେ ଆମେ ଓଡ଼ିଶା ଗଠନର ଶତବାର୍ଷିକୀ ପାଳନ କରିବା । ଏହି ସମୟ ମଧ୍ୟରେ 'ବିକଶିତ ଭାରତ' ଓ 'ବିକଶିତ ଓଡ଼ିଶା'ର ସ୍ୱପ୍ନ ସେତେବେଳେ ସାକାର ହେବ, ଯେତେବେଳେ ଆମ ଓଡ଼ିଆ ପିଲାମାନେ ସୁସ୍ଥ ରହିବା ସହ ଉତମ ଶିକ୍ଷା ପାଇବେ । ଏହି ଲକ୍ଷ୍ୟ ପୂରଣ ପାଇଁ ଆମ ସମସ୍ତଙ୍କର ଦାୟିତ୍ୱ ରହିଛି ବୋଲି 'ଉତ୍କଳ ଦିବସ'ର ଗୋଟିଏ ଦିନର ଅବ୍ୟବହିତ ପୂର୍ବରୁ ଆଠମଲ୍ଲିକରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ମଙ୍ଗଳବାର ଆଠମଲ୍ଲିକର ସର୍ବାଙ୍ଗୀନ ବିକାଶ ପାଇଁ ପ୍ରାୟ ୨୦୪ କୋଟି ୩୨ ଲକ୍ଷ ଟଙ୍କାରୁ ଅଧିକ ବ୍ୟୟରେ ବିଭିନ୍ନ ଜନହିତକର ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ, ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ସବକା ସାଥ୍, ସବକା ବିକାଶ' ମନ୍ତ୍ରରେ ଅଂଚଳର ପ୍ରଗତି ପଥକୁ ପ୍ରଶସ୍ତ କରିବ । ସେ ଆହୁରି କହିଛନ୍ତି, ଆଠମଲ୍ଲିକ ହେଉଛି ଅପାର ସମ୍ଭାବନାର ଅଂଚଳ । ଡବଲ ଇଞ୍ଜିନ ସରକାର ଏଠାକାର ଗରିବ ଓ ମଧ୍ୟବିତ ପରିବାରଙ୍କ ସହାୟତା ପାଇଁ ଆବାସ ଯୋଜନାରେ ଶହ ଶହ ନୂଆ ପକ୍କାଘର ନିର୍ମାଣର ଲକ୍ଷ୍ୟ ରଖିଛନ୍ତି । ଏଥିପାଇଁ ଜିଲ୍ଲାପାଳଙ୍କୁ ଏକ ଆଧୁନିକ ହାଉସିଂ ପ୍ରୋଜେକ୍ଟ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି, ଯାହାଦ୍ୱାରା ଅଂଚଳର ଗରିବ ଓ ମଧ୍ୟବିତ ଶ୍ରେଣୀର ଲୋକମାନେ ଉପକୃତ ହୋଇପାରିବେ ।


15001/13/2526



ପବିତ୍ର ଓଡ଼ିଶା ଦିବସ-୨୦୨୬ ଅବସରରେ
ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଓଡ଼ିଶା ଦିବସ-୨୦୨୬ ଅବସରରେ ମୁଁ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଆଜିର ଦିବସରେ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)

ଓଡ଼ିଶା ଦିବସ ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ଜୟ ଜଗନ୍ନାଥ!

ଆଜି ଓଡ଼ିଶା ଦିବସ । ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଅସ୍ମିତା ଓ ସ୍ୱାଭିମାନର ଦିବସ । ଏହି ଅବସରରେ ଓଡ଼ିଶା ତଥା ଦେଶ ଓ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ଓଡ଼ିଆ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ତ୍ୟାଗ ଓ ବଳିଦାନ ରଖିଥିବା ସମସ୍ତ ବରପୁତ୍ରମାନଙ୍କ ନୀତି ଓ ଆଦର୍ଶ ଆମକୁ ପିଢ଼ି ପରେ ପିଢ଼ି ଅନୁପ୍ରାଣିତ କରି ଆସୁଛି ଓ ଆସୁଥିବ । ଏହି ଅବସରରେ ସେମାନଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ଓଡ଼ିଶା ଆଜି ନୂଆ ଆଶା, ନୂଆ ଭରସା ଓ ଗଭୀର ଆତ୍ମବିଶ୍ୱାସର ସହିତ ଆଗକୁ ବଢୁଛି । ୨୦୩୬ ସୁଦ୍ଧା ଆମେ ସମୃଦ୍ଧ ଓଡ଼ିଶା ଗଠନ ଲକ୍ଷ୍ୟ ରଖିଛୁ । ଆଗାମୀ ଦଶ ବର୍ଷ ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ସଂକଳ୍ପର ବର୍ଷ ହେଉ ।

ଆସନ୍ତୁ, ଆମେ ସମସ୍ତେ, ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ପୂରଣ ପାଇଁ ଦୃଢ଼ ସଂକଳ୍ପବଦ୍ଧ ହୋଇ କାମ କରିବା ।

ବନ୍ଦେ ଉତ୍କଳ ଜନନୀ ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/15001/2/25-26/0013





# ଫକୀରମୋହନ ବିଶ୍ୱବିଦ୍ୟାଳୟରେ "ଜନଜାତି ସଂସ୍କୃତି ଓ ବାଚିକ ପରମ୍ପରା" ବିଷୟରେ ଜାତୀୟ ସମ୍ମିଳନୀ

ବାଲେଶ୍ୱର(ନି.ପ୍ର.) ଫକୀରମୋହନ ବିଶ୍ୱବିଦ୍ୟାଳୟର ଭାଷା ଓ ସାହିତ୍ୟ ବିଭାଗ ଦ୍ୱାରା ଆୟୋଜିତ "ଜନଜାତି ସଂସ୍କୃତି ଓ ବାଚିକ ପରମ୍ପରା" ବିଷୟକ ଦ୍ୱିଦିବସୀୟ ଜାତୀୟ ସମ୍ମିଳନୀ ଉଦଘାଟିତ ହୋଇଛି । ଏହି ସମ୍ମିଳନୀର ମୂଳ ଉଦ୍ଦେଶ୍ୟ ହେଲା ଓଡିଶାର ଜନଜାତିୟ ସମୁଦାୟଙ୍କର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ, ପାରମ୍ପରିକ ଜ୍ଞାନ ପ୍ରଣାଳୀ ଓ ମୌଖିକ ପରମ୍ପରାକୁ ଅନ୍ୱେଷଣ ଓ ପ୍ରାୟୋଗିକ ସ୍ତରରେ ପ୍ରଚାର ପ୍ରସାର କରିବା ।

ଜନଜାତିୟ ଜୀବନର ବିଭିନ୍ନ ପ୍ରାସଙ୍ଗିକ ଦିଗ ଯଥା - ଲୋକକଥା, ପୌରାଣିକ ଗାଥା, ଲୋକସଙ୍ଗୀତ, ଆଚାର-ବିଚାର, ଜନଜାତିୟ ଜ୍ଞାନ ସହ ପାରମ୍ପରିକ, ଦେଶୀୟ ତଥା ପରିବେଶୀୟ ପ୍ରଚଳନ ଉପରେ ବିସ୍ତୃତ ଆଲୋଚନା କରିବାର ପ୍ରୟାସ ନେଇ ଏହି ସମ୍ମିଳନୀରେ ଦେଶର ବିଭିନ୍ନ ସ୍ଥାନରୁ ପ୍ରଖ୍ୟାତ ଶିକ୍ଷାବିତ୍, ଗବେଷକ ଓ ସାଂସ୍କୃତିକ ଅଭିଯାନୀମାନେ ଯୋଗଦେଇଛନ୍ତି । ଆଧୁନିକ




ସମସ୍ୟାମାନଙ୍କ ପରିପ୍ରେକ୍ଷିତରେ ଏହି ପରମ୍ପରାଗୁଡ଼ିକର ସୁରକ୍ଷା, ଲେଖାଯୋଗ୍ୟତା ଓ ପ୍ରଚାର-ପ୍ରସାର ବିଷୟରେ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଇଛି । ସମ୍ମିଳନୀର ଉଦଘାଟନୀ ସଭାରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରି ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ । ଓଡ଼ିଶାର ଜନଜାତିଙ୍କ ଲୁପ୍ତପ୍ରାୟ ଜ୍ଞାନ ପରମ୍ପରା ଉପରେ ସଂପୂର୍ଣ୍ଣ ଗବେଷଣା କରି ଏହାକୁ ଲୋକଲୋଚନକୁ ଆଣିବାର ଆବଶ୍ୟକତାକୁ ଉଲ୍ଲେଖ କରିଥିଲେ । ଏଥିସହିତ ଜନଜାତିଙ୍କ ସହ ଜଡ଼ିତ ଐତିହାସିକ ତଥ୍ୟ, ଦେଶୀୟ ଜିନିଷ ଓ ପାରମ୍ପାରିକ ଭିତିଭୂମିକୁ ଗବେଷଣାର ପରିସରଭୁକ୍ତ କରି ଏହାର ସମୃଦ୍ଧ ଓ ଗୁଣାତ୍ମକମାନ ବଢ଼ାଇବାକୁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ସ୍ନାତକୋତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ ଅଗ୍ରୱାଲା ଉପ-ପ୍ରତିପାଳକ ଭାବେ ଯୋଗଦେଇ ନିଜ ଅଭିଭାଷଣ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରଫେସର ପ୍ରକାଶ ପଟ୍ଟନାୟକ ମୁଖ୍ୟ ଅତିଥି ତଥା ଡ଼କ୍ଟର ଚିତ୍ରସେନ ପଶାୟତ ମୁଖ୍ୟ ଅଭିଭାଷକ ଭାବେ ଯୋଗଦେଇ, ଜନଜାତିଙ୍କ ମୌଖିକ ପରମ୍ପରାର ପୁନରୁଦ୍ଧାର, ସଂରକ୍ଷଣ ତଥା ଲିପିବଦ୍ଧ ଦିଗରେ ସଚେତନ କରାଇଥିଲେ । ଓଡ଼ିଶାରେ ବସବାସ କରୁଥିବା ଜନଜାତି ସଂପ୍ରଦାୟର ମୌଖିକ ପରମ୍ପରାର ବିବିଧ ଉଦାହରଣ ଦେଇ, ସେଗୁଡ଼ିକର ଗବେଷଣାତ୍ମକ ଅଧ୍ୟୟନ ଦିଗରେ ପଦକ୍ଷେପ ନେବା ନିମନ୍ତେ ପ୍ରସ୍ତାବ ରଖିଥିଲେ । ଭାରତୀୟ ଜ୍ଞାନ ପ୍ରଣାଳୀ ସହ ଜନଜାତିଙ୍କ ଜ୍ଞାନ ପ୍ରଣାଳୀକୁ ଅନ୍ତର୍ଭୁକ୍ତ କରି ତାହାର ଉନ୍ନତିକରଣ ସଂପର୍କରେ ଆଲୋକପାତ କରିଥିଲେ । ପ୍ରଥମ ଦିନରେ ତିନୋଟି ପ୍ରାସଙ୍ଗିକ ଅଧିବେଶନ ଆୟୋଜିତ ହୋଇଥିଲା । ବିଭିନ୍ନ ଅଧିବେଶନରେ ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ, ଡ଼କ୍ଟର ରାଜେନ୍ଦ୍ର ପାଢ଼ୀ ଓ ଡ଼କ୍ଟର ସମୀର କୁମାର ଭୋଇ, ପ୍ରଫେସର ସତ୍ୟପ୍ରିୟ ମହାଲିକ, ପ୍ରଫେସର ଜଲି ଦାସ ଓ ପ୍ରଫେସର କମଳ କୁମାର ତାନ୍ତି, ପ୍ରଫେସର ଦେବାଶିଷ ପାତ୍ର, ଡ଼କ୍ଟର ରଞ୍ଜନ ପ୍ରଧାନ ଓ ଶ୍ରୀ ନିରଞ୍ଜନ ଖୁଂଟିଆ ପ୍ରମୁଖ ଯୋଗଦେଇ ଆଲୋଚନାଚକ୍ର ମାଧ୍ୟମରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ । ଦ୍ୱିତୀୟ ଦିନରେ ବିଭିନ୍ନ ଶିକ୍ଷାବିତ୍ ଓ ଗବେଷକମାନଙ୍କ ଦ୍ୱାରା ଗବେଷଣା ସଂଦର୍ଭ ଉପସ୍ଥାପିତ ହେବ । ଏହି ଅଧିବେଶନ ଗୁଡ଼ିକରେ ଡ଼କ୍ଟର ପ୍ରହଲ୍ଲାଦ ଖିଲ୍ଲା, ଡ଼କ୍ଟର ହେମଲତା ବେହେରା ଓ ଡ଼କ୍ଟର ଜୟନ୍ତ କୁମାର ଦାସ ଅଧ୍ୟକ୍ଷତା କରିବେ । ଏହି ସମ୍ମିଳନୀ ମାଧ୍ୟମରେ ଜନଜାତିୟ ସମୁଦାୟଙ୍କର ବିବିଧତା, ପରିଚୟ ଓ ସାଂସ୍କୃତିକ ଐତିହ୍ୟ ପ୍ରତି ଗଭୀର ବୁଝାମଣା ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି । ଏଥିସହିତ 'ଅରଣ୍ୟ ଭୂମି' ନାମକ ଏକ ଚିତ୍ରକଳା ଓ ପୁସ୍ତକ ପ୍ରଦର୍ଶନୀ ଆୟୋଜିତ ହୋଇଛି । ଏଥିରେ ବିଶ୍ୱବିଦ୍ୟାଳୟର ଭିଜୁଆଲ ଆର୍ଟ ବିଭାଗର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ଜନଜାତିଙ୍କ ଉପରେ ପର୍ଯ୍ୟବେସିତ ଚିତ୍ରକଳା ସହ ଜନଜାତିଙ୍କ ଉପରେ ଲିଖିତ ଅନେକ ପୁସ୍ତକ ପ୍ରଦର୍ଶିତ କରାଯାଇଛି । ସମ୍ମିଳନୀର ସମନ୍ୱୟକାରୀ ତଥା ସଂଯୋଜକ ଭାବେ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର ଦାୟିତ୍ୱ ନିର୍ବାହ କରୁଛନ୍ତି ଓ କାର୍ଯ୍ୟକ୍ରମର ଆୟୋଜନରେ ଡ଼କ୍ଟର ହେମଲତା ବେହେରା, ଡ଼କ୍ଟର ଜୟନ୍ତ କୁମାର ଦାସ ଓ ଡ଼କ୍ଟର ପ୍ରହଲ୍ଲାଦ ଖିଲ୍ଲା ସକ୍ରିୟ ସହଯୋଗ କରୁଛନ୍ତି ।

# ବସ୍ତାରେ ଏକ ସରକାରୀ ମହିଳା ପଲିଟେକନିକ୍ ପ୍ରତିଷ୍ଠା କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବି ଜଣାଇଲେ ବସ୍ତା ବିଧାୟିକା ସୁବାସିନୀ ଜେନା

ବାଲେଶ୍ୱର(ନି.ପ୍ର.) : ବାଲେଶ୍ୱର ଜିଲ୍ଲାର ବସ୍ତା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଏକ ସରକାରୀ ମହିଳା ପଲିଟେକନିକ୍ ପ୍ରତିଷ୍ଠା କରିବା ପାଇଁ ବସ୍ତା ବିଧାୟିକା ସୁବାସିନୀ ଜେନା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ୍ କରି ଦାବି ଜଣାଇଛନ୍ତି । ପ୍ରକାଶଥାଉ କି ବସ୍ତା ନିର୍ବାଚନ ମଣ୍ଡଳୀର ଦୁଇଟି ବସ୍ତା ଓ ବାଲିଆପାଳ ବ୍ଲକ୍ ଏବଂ ତତ୍ ସଂଲଗ୍ନ ଉତର ବାଲେଶ୍ୱରର ଗ୍ରାମାଂଚଳ ଗୁଡିକରେ ଅଧିକାଂଶ ପରିବାର କୃଷି, କ୍ଷୁଦ୍ର ବ୍ୟବସାୟ ଏବଂ ଅଣସଂଗଠିତ କ୍ଷେତ୍ରର ନିଯୁକ୍ତି ଉପରେ ନିର୍ଭର କରିଥାନ୍ତି । ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଯୋଗୁଁ ବିଦ୍ୟାଳୟ ସ୍ତରରେ ନାମଲେଖା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ହୋଇଥିଲେ ମଧ୍ୟ, ଉଚ୍ଚ ଏବଂ ବୈଷୟିକ ଶିକ୍ଷା କ୍ଷେତ୍ରରେ ଝିଅମାନଙ୍କ ଯୋଗଦାନ ଏବେ ବି ଯଥେଷ୍ଟ କମ୍ ରହିଛି । ରାଜ୍ୟ ଶିକ୍ଷା ରିପୋର୍ଟ ଅନୁଯାୟୀ, ଓଡ଼ିଶାରେ ମହିଳା ସାକ୍ଷରତା ହାରରେ ସୁଧାର ଆସିଥିଲେ ହେଁ, ଡିପ୍ଲୋମା ସ୍ତରୀୟ ବୈଷୟିକ ଶିକ୍ଷା କ୍ଷେତ୍ରରେ ପୁରୁଷଙ୍କ ତୁଳନାରେ ମହିଳାମାନଙ୍କ ଅଂଶଗ୍ରହଣ ଏବେ ବି ପଛରେ ରହିଛି, ବିଶେଷ କରି ଗ୍ରାମାଂଚଳ ଏବଂ ଅର୍ଦ୍ଧ



ସହରାଂଚଳରେ ଏହା ସ୍ପଷ୍ଟ ବାରି ହୋଇପଡ଼େ । ବର୍ତମାନ ବାଲେଶ୍ୱର ଜିଲ୍ଲାରେ ଝିଅମାନଙ୍କ ପାଇଁ ପଲିଟେକନିକ୍ ଶିକ୍ଷା ସୁବିଧା ଅତ୍ୟନ୍ତ ସୀମିତ । ବର୍ତମାନ ଥିବା ଅନୁଷ୍ଠାନଗୁଡ଼ିକ ମିଳିତ ଶିକ୍ଷା ବା କୋ ଏଜୁକେଶନ୍ ପ୍ରଦାନ କରୁଛନ୍ତି ଯେଉଁଠାରେ ସିଟ୍ ସଂଖ୍ୟା ସୀମିତ ଅଛି କିମ୍ବା ସେଗୁଡ଼ିକ ବାଲେଶ୍ୱର ସହର ଠାରୁ ଦୂର ସ୍ଥାନରେ ଅବସ୍ଥିତ । ତେଣୁ ଉତର ବାଲେଶ୍ୱରର ଆର୍ଥିକ ଅନଗ୍ରସର ଶ୍ରେଣୀର ଝିଅମାନଙ୍କ ପାଇଁ ଏହା ମୁଖ୍ୟ ପ୍ରତିବନ୍ଧକ ସାଜୁଛି । ଏଥି ସହିତ ଉତର ଓଡ଼ିଶାର ଉପକୂଳବର୍ତୀ ଅଂଚଳରେ ବୈଷୟିକ ଶିକ୍ଷା ଏବଂ ନିଯୁକ୍ତି କ୍ଷେତ୍ରରେ ଥିବା ଲିଙ୍ଗଗତ ବ୍ୟବଧାନକୁ ଦୂର କରିବା ପାଇଁ ଓ ଉତର ବାଲେଶ୍ୱର ଅଂଚଳର ମହିଳା ମାନଙ୍କୁ ବୈଷୟିକ ଶିକ୍ଷା କ୍ଷେତ୍ରରେ ଅଧିକ ସୁଯୋଗ ଦେବା ପାଇଁ ବସ୍ତା ନିର୍ବାଚନ ମଣ୍ଡଳୀରେ ଗୋଟିଏ ସରକାରୀ ମହିଳା ପଲିଟେକନିକ୍ ସ୍ଥାପନ କରିବା ପାଇଁ ବିଧାୟିକା ଜେନା ଦାବି କରିଥିଲେ ।

# ଜିଲ୍ଲା ବ୍ରାହ୍ମଣ ସମିତି ବୈଠକ

## ପଣ୍ଡିତ ମଧୁସୂଦନ ପଣ୍ଡାଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି

ବାଲେଶ୍ୱର(ନି.ପ୍ର.): ଦାମୋଦରପୁରସ୍ଥିତ ଜିଲ୍ଲା ବ୍ରାହ୍ମଣ ସମିତି କାର୍ଯ୍ୟାଳୟରେ ସମିତିର ପୂର୍ବତନ ସଭାପତି, ଉପଦେଷ୍ଟା ବେଦପ୍ରଭା ପଣ୍ଡିତ ସ୍ୱର୍ଗତ ମଧୁସୂଦନ ପଣ୍ଡାଶର୍ମାଙ୍କ ଉଦ୍ଦେଶ୍ୟରେ ଜିଲ୍ଲାସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା ଓ ସମିତିର କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଡାକ୍ତର ଶିର୍ଷ କୁମାର ଦାଶ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ । ସ୍ୱର୍ଗତ ପଣ୍ଡାଙ୍କ ଫଟୋଚିତ୍ରରେ ଉପସ୍ଥିତମାନେ ପୁଷ୍ପାର୍ଘ୍ୟ ପ୍ରଦାନ କରିଥିଲେ । ସଭାପତି ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଦିବଂଗତ ଆତ୍ମାର ସଦ୍‌ଗତି ଏବଂ ଶାନ୍ତି ପାଇଁ ଭଗବତ୍ ଗୀତା ପାଠ ଓ ନିରବ ପ୍ରାର୍ଥନା କରାଯାଇଥିଲା । ସ୍ୱର୍ଗତ ପଣ୍ଡାଙ୍କ ସ୍ମୃତିଚାରଣ କରି ଗତ ୧୯୨୧ ମସିହାରେ ପ୍ରତିଷ୍ଠିତ ଓ ନୀଳଗିରି ରାଣୀ ଆନନ୍ଦ କୁମାରୀଙ୍କ ଅନୁଦାନରେ ଓ ସମିତିର ତ□ାବଧାନରେ ପରିଚାଳିତ ବେଦ ବିଦ୍ୟାଳୟକୁ ପରିଚାଳନା କରିବାରେ ସ୍ୱର୍ଗତ ପଣ୍ଡାଙ୍କ ଭୂମିକାକୁ ସର୍ବଶ୍ରୀ ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ, ଗୌର ଚନ୍ଦ୍ର



ଦାଶ, ବୈଦ୍ୟନାଥ ଆଚାର୍ଯ୍ୟ, କମଳାକାନ୍ତ ତ୍ରିପାଠୀ, ଗୌର ସାଧନ ମିଶ୍ର, ଭୃଗୁରାମ କର, ସୂର୍ଯ୍ୟ ନାରାୟଣ ଷଡ଼ଙ୍ଗୀ, ଧର୍ମବ୍ରତ ମିଶ୍ର, ଶୁଭଙ୍କର ମହାପାତ୍ର, ପୂଣ୍ୟଶ୍ଳୋକ ନନ୍ଦ, ଚନ୍ଦ୍ରାଂଶୁ ବାନାର୍ଜୀ, ଶାନ୍ତିସ୍ୱରୂପ ମିଶ୍ର, ଯଦୁନାଥ ମିଶ୍ର, ଦିଲ୍ଲୀପ ଶତପଥୀ, ଶ୍ରୀନିବାସ ଦାଶ, ରଘୁନାଥ ରଥ ଓ ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ଉଚ୍ଚପ୍ରଶଂସା କରିଥିଲେ । ସ୍ୱର୍ଗତ ପଣ୍ଡାଙ୍କ ଜ୍ୟେଷ୍ଠପୁତ୍ର ଅଶୋକ କୁମାର ପଣ୍ଡା ପିତାଙ୍କର ନୀତି, ଆଦର୍ଶ ଓ ସଂଗଠନ ପ୍ରତି ତାଙ୍କର ଆନୁଗତ୍ୟତା ସଂପର୍କରେ ନିଜର ଅଭିଜ୍ଞତାକୁ ଉପସ୍ଥାପିତ କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନାରେ ଜିଲ୍ଲା ବ୍ରାହ୍ମଣ ସମିତିର ବ□ମାନର ପରିଚାଳନା କମିଟିର କାର୍ଯ୍ୟକାଳ ପୂର୍ଣ୍ଣ ହୋଇଯାଇଥିବାରୁ ନୂତନ ପରିଚାଳନା କମିଟି ନିର୍ବାଚନ ପାଇଁ ସାଧାରଣ ସଂପାଦକ ଗୌର ଚନ୍ଦ୍ର ଦାଶ ପ୍ରସ୍ତାବ ଆଗତ କରିଥିଲେ । ଏଥିପାଇଁ ସର୍ବସମ୍ମତି କ୍ରମେ ଏକ ମନୋନୟନ କମିଟି ଗଠନ ହୋଇଛି । ଉକ୍ତ କମିଟି ଆସନ୍ତା ଏପ୍ରିଲ୍ ମାସ ମଧ୍ୟରେ ବିଭିନ୍ନ ବ୍ଲକ୍ କମିଟି କର୍ମକ□ାମାନଙ୍କ ସହ ଆଲୋଚନା କରି ସମିତିର ସୁପରିଚାଳନା ନିମି□ ଏକ ପ୍ରସ୍ତାବ ଦେବାପରେ ଆସନ୍ତା ସାଧାରଣ ସଭାର ଅନୁମୋଦନ ପାଇଁ ଏହା ଆଗତ କରାଯିବ ବୋଲି ସଭାପତି ଶ୍ରୀ ଦାଶ ମତ ପ୍ରଦାନ କରିଥିଲେ । ରାଧାକୃଷ୍ଣ ଆଚାର୍ଯ୍ୟ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ବାଲେଶ୍ୱର ବାରବାଟି ଗୋପାଳ ବାଡ଼ି ଚାନ୍ଦି ମେଢ଼ ବାସନ୍ତୀ ଦୁର୍ଗା ପୂଜା ମହାସମାରୋହରେ ପାଳିତ

ବାଲେଶ୍ୱର (ନି.ପ୍ର.) ବାଲେଶ୍ୱର ଜିଲ୍ଲାର ବାରବାଟି ଗୋପାଳ ବାଡ଼ି ଚାନ୍ଦି ମେଢ଼ ବାସନ୍ତୀ ଦୁର୍ଗା ପୂଜା ବିମଳ ଚନ୍ଦ୍ର କର ଙ୍କ ସଭାପତିତ୍ୱରେ ମହାସମାରୋହରେ ପ ା ଳ ି ତ ହୋଇଯାଇଛି । ବାଲେଶ୍ୱର ସହରରେ ବାସନ୍ତୀ ଦୁର୍ଗା ପୂଜା ୧୦ ରୁ ୧୫ ଟି ପୂଜା ପାଆନ୍ତି । ସେଥି ମଧ୍ୟରୁ ବାରବାଟି ଗୋପାଳ ବାଡ଼ି ଚାନ୍ଦି ମେଢ଼



ବାସନ୍ତୀ ଦୁର୍ଗା ପୂଜା ଅତି ନିଆରା । ଏହି ପୂଜା ୫ ଦିନ ବ୍ୟାପୀ ନିଆରା ଭାବରେ ପୂଜା ହୁଏ । ଏହି ପୂଜା ୪୫ ବର୍ଷ ଧରି ହୋଇ ଆସୁଛି । ଏହାର ପ୍ରତିଷ୍ଠାତା ଭାବରେ ଦିବଂଗତ ଚିରୁ ରଞ୍ଜନ କର ଓ ପଂଚ ରତନ ବର୍ଦ୍ଧନ , ଅନନ୍ତ ମହାନ୍ତି ପ୍ରମୁଖ । ଏହି ପୂଜା ରେ ସନ୍ଧ୍ୟା ଆରତି ଓ ମଙ୍ଗଳ ଆରତୀ ଦେଖିବାକୁ ଶହ ଶହ ସଂଖ୍ୟାରେ ଭକ୍ତ ମାନେ ଆସନ୍ତି । ଅଷ୍ଟମୀ ପୂଜାରେ ହଜାର ହଜାର ସଂଖ୍ୟାରେ ଲୋକେ ଡଲା ଭୋଗ ଦେଇଥାନ୍ତି । ନବମୀ ଦିନ ପ୍ରାୟ ୫ ରୁ ୮ ହଜାର ଲୋକ ପ୍ରସାଦ ସେବନ କରିଥିଲେ । ଦଶହରା ମାଙ୍କୁ ଆଡମ୍ବର ଭାବରେ ଭସାଣି କରିଥିଲେ । ଏହି ଚାନ୍ଦୀ ମେଢ଼ ବାସନ୍ତୀ ପୂଜା ସମ୍ପାଦକ ସୁଶିଲ ଚନ୍ଦ୍ର କର , ଅରୁଣ କୁମାର କର , କୃଷ୍ଣ ଗୋପଲ କର , ଛବିନ୍ଦ୍ର ସାହୁ , ସୁଚନ୍ଦନ ସାହୁ , ଶୁଭେନ୍ଦୁ କର , ରାଜେନ୍ଦ୍ର କର , ଆତିଶ ବର୍ଦ୍ଧନ , ଅପର୍ଣ୍ଣା କର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଦେଖିବା ପାଇଁ ବାରବାଟୀ, ଦାମୋଦରପୁର, ମାଣିଖମ୍ବ ଇତ୍ୟାଦି ଅଂଚଳର ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ "କ୍ୟାରିୟର କାଉନସ୍ଲିଂ ପ୍ରୋଗ୍ରାମ ୨୦୨୬" ଅନୁଷ୍ଠିତ

ବାଲେଶ୍ୱର(ନି.ପ୍ର) ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ଲେସମେଂଟ ଓ କାଉନସ୍ଲିଂ ସେଲ୍ ? ପକ୍ଷରୁ ଏକ "କ୍ୟାରିୟର କାଉନସ୍ଲିଂ ପ୍ରୋଗ୍ରାମ-୨୦୨୬" ସଫଳତାର ସହ ଆୟୋଜିତ ହୋଇଯାଇଛି । ବର୍ତମାନର ଗତିଶୀଳ ବିଶ୍ୱ ଓ ପ୍ରତିଯୋଗିତାମୂଳକ ମନୋନୟନର ପରିପେକ୍ଷୀରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ ଶିକ୍ଷାଗତ ଓ ବୃତିଗତ ପଥ ଚୟନରେ ସକ୍ଷମ କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା । କାର୍ଯ୍ୟକ୍ରମର ଆରମ୍ଭରେ ପ୍ଲେସମେଂଟ ଓ କାଉନସ୍ଲିଂ ସେଲ୍ ?ର ନିର୍ଦ୍ଦେଶକ ପ୍ରଫେସର ପଙ୍କଜ କୁମାର ପାରହୀ ଙ୍କ ଦ୍ୱାରା ସ୍ୱାଗତ ଉଦବୋଧନ ପ୍ରଦାନ କରାଯାଇଥିଲା । ସେ ଉଚ୍ଚଶିକ୍ଷା, ଗବେଷଣା ଓ ଶିଳ୍ପ କ୍ଷେତ୍ରରେ ଉଦ୍ଭବିତ ସୁଯୋଗ ସହିତ ଛାତ୍ରଛାତ୍ରୀଙ୍କ କ୍ଷମତାକୁ ସମନ୍ୱୟ କରିବାରେ ସଂରଚିତ କ୍ୟାରିୟର ମାର୍ଗଦର୍ଶନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ କାର୍ଯ୍ୟକ୍ରମର ଅଧ୍ୟକ୍ଷ ଓ ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର




ତ୍ରିପାଠୀ ନିଜ ଉଦବୋଧନ ମାଧ୍ୟମରେ, ଛାତ୍ରଛାତ୍ରୀଙ୍କ ସମଗ୍ର ବିକାଶକୁ ପ୍ରୋତ୍ସାହନ ଦେବା ସହିତ ଜାତୀୟ ଓ ବିଶ୍ୱସ୍ତରୀୟ ଚାଲେଞ୍ଜମାନଙ୍କୁ ସମ୍ମୁଖୀନ ହେବା ପ୍ରଣାଳୀରେ ବିଶ୍ୱବିଦ୍ୟାଳୟର ମୂଖ୍ୟ ଭୂମିକାକୁ ଉଲ୍ଲେଖ କରିଥିଲେ । ସମ୍ମାନିତ ଅତିଥି ତଥା ସ୍ନାତକୋତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା ତାଙ୍କ ଉଦ୍ବୋଧନରେ ଆନ୍ତର୍ଶାସ୍ତ୍ରୀୟ ଶିକ୍ଷା ଓ କୌଶଳ ବିକାଶର ବର୍ତମାନ ଗୁରୁତ୍ୱ ସମ୍ପର୍କରେ ମୂଲ୍ୟବାନ ଶିକ୍ଷାଗତ ମତାମତ ରଖିଥିଲେ, ଯାହା ଭବିଷ୍ୟତ କ୍ୟାରିୟର ପଥ ଗଠନରେ ମୂଳ ଭୂମିକା ଗ୍ରହଣ କରିଥାଏ । କାର୍ଯ୍ୟକ୍ରମରେ ବିଶେଷଜ୍ଞ ଭାବେ ଯୋଗଦେଇ ଏଚ୍ ?.ଆ ? ରିକ୍ରୁଟର ଓ କନସଲଟାଂଟ ଡ଼କ୍ଟର ଅଶୋକ କୁମାର ସାହୁ ଏକ ଭିଜୁଆଲ ଉପସ୍ଥାପନ ସହ ବିସ୍ତୃତ ଆଲୋଚନା ପ୍ରଦାନ କରିଥିଲେ । ସେ ଶିଳ୍ପ କ୍ଷେତ୍ରରେ ନିଜର ବ୍ୟାପକ ଅନୁଭବ ଆଧାରରେ କ୍ୟାରିୟର ପରିକଳ୍ପନା, ନିଯୁକ୍ତିଯୋଗ୍ୟତା କୌଶଳ ଓ ଶିକ୍ଷାଗତ ଜ୍ଞାନ ସହିତ ସଂପୃକ୍ତ ଆଶା-ଆପେକ୍ଷାର ସମ୍ପର୍କ ଉପରେ ପ୍ରାୟୋଗିକ ମାର୍ଗଦର୍ଶନ ପ୍ରଦାନ କରିଥିଲେ । ୪୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ସକ୍ରିୟ ଅଂଶଗ୍ରହଣ ସହ ଆୟୋଜିତ ପ୍ରଶ୍ନୋତର ସତ୍ର କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ କରିଥିଲା । ଏହା ଛାତ୍ରଛାତ୍ରୀମାନଙ୍କୁ ନିଜ କ୍ୟାରିୟର ସମ୍ପର୍କିତ ସନ୍ଦେହ ଦୂର କରିବା ସହିତ ବ୍ୟକ୍ତିଗତ ମାର୍ଗଦର୍ଶନ ଲାଭ କରିବାର ସୁଯୋଗ ଦେଇଥିଲା । କାର୍ଯ୍ୟକ୍ରମର ଶେଷରେ ପ୍ଲେସମେଂଟ ଓ କାଉନସ୍ଲିଂ ସେଲ୍ ?ର ଉପନିର୍ଦ୍ଦେଶକ ଡ଼କ୍ଟର ଅସୀମ ଅମିତାଭ ପ୍ରଧାନଙ୍କ ଦ୍ୱାରା ଔପଚାରିକ ଧନ୍ୟବାଦ ଜ୍ଞାପନ କରାଯାଇଥିଲା । ଡ଼କ୍ଟର ରାଜଶ୍ରୀ ଦତଙ୍କ ସମନ୍ୱୟରେ ତଥା ପ୍ଲେସମେଂଟ ସେଲ୍ ?ର ସଦସ୍ୟ, ଯଥା ପ୍ରଫେସର ଅଶାନ୍ତ ରଞ୍ଜନ ରାଉତରାୟ ଓ ଡ଼କ୍ଟର ଦେବଦତ ଦାସଙ୍କ ସକ୍ରିୟ ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ପରିଚାଳିତ ହୋଇଥିଲା ।

# ଶିଶୁ ସେବିକା ଚୟନରେ ବ୍ୟାପକ ଅବ୍ୟବସ୍ଥା

ବାଲେଶ୍ୱର(ନି.ପ୍ର.): ସଦର ବ୍ଲକ ଅନ୍ତର୍ଗତ କଷାଫଳ ପଂଚାୟତ ସାହୁଚକ ଗ୍ରାମର ବଳରାମ ସରକାରୀ ଉ.ପ୍ରା. ବିଦ୍ୟାଳୟର ଶିଶୁ ସେବିକା ପାଇଁ ଆବେଦନକାରୀମାନେ ସରକାର ଗାଇଡଲାଇନରୁ ବଂଚିତ ହେବା ସଂଗେସଂଗେ ଚୟନ ପ୍ରକ୍ରିୟାରେ ଶ୍ୟାମସୁନ୍ଦର ମାଝି ଓ ଏସଏମସି ଚେୟାରମ୍ୟାନ ପୂର୍ଣ୍ଣଚନ୍ଦ୍ର ଶାସମଲଙ୍କ ମଧୁଚନ୍ଦ୍ରିକାରେ ପାତର ଅନ୍ତର ନୀତି ଅବଲମ୍ବନ କରାଯାଇ ଆବେଦନକାରୀମାନଙ୍କୁ ଚୟନପ୍ରକ୍ରିୟାରୁ ବଂଚିତ କରିବା ସଂଗେ ସଂଗେ ପୂର୍ଣ୍ଣିମା ଜେନା ନାମ୍ନୀ ଜଣେ ପ୍ରତିଭାଶାଳୀ ବ୍ୟକ୍ତିଙ୍କୁ ଚୟନ କରାଯାଇଥିବା ଅଭିଯୋଗ ହୋଇଛି । ଖବରରୁ ପ୍ରକାଶଯେ, ଚୟନ ପ୍ରକ୍ରିୟାରେ ୨ନଂ ୱାର୍ଡ଼ ମେମ୍ବର ଏବଂ ଦୁଇ ସିଆରସିସି ଉପସ୍ଥିତ ଥିଲେ ମଧ୍ୟ ଏସଟି ସରସ୍ୱତୀ ମାଝି ଏବଂ ନିସ୍ୱ ବିଧବା ମାମୁନି ସାହୁ ଯେଉଁମାନେକି ପାଇବା ପାଇଁ ହକ୍‌ଦାର ଏବଂ ଝରଣାରାଣୀ ସାମଲ(ଏସସି)



ଶିକ୍ଷାଗତ ଯୋଗ୍ୟତା ଥାଉଁଥାଉଁ ସେମାନଙ୍କୁ ଉପେକ୍ଷା କରାଯାଇ ଅନ୍ୟଜଣେ ବ୍ୟକ୍ତିଙ୍କୁ ଚୟନ କରାଯିବା ଯୋଗୁଁ ୩୧ ତାରିଖ ପୂର୍ବାହ୍ନରେ ବାଲେଶ୍ୱର ଜିଲ୍ଲା ପ୍ରଶାସନକୁ ଭେଟି ସରସ୍ୱତୀ ମାଝି, ମାମୁନି ସାହୁ, ଜୟଶ୍ରୀ ଏବଂ ମଂଜୁଲତା ସୁତି ପ୍ରମୁଖ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି ।

# ବିଜେପି ପ୍ରତିଷ୍ଠା ଦିବସ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ବାଲେଶ୍ୱର(ନି.ପ୍ର.)ଆଜି ସନ୍ଧ୍ୟାରେ ଭୋଇ ସାହି ସ୍ଥିତ ଜିଲ୍ଲା ବିଜେପି କାର୍ଯ୍ୟାଳୟ ରେ ଆଗାମୀ ଏପ୍ରିଲ ୬ତାରିଖ ରେ ହେବାକୁ ଥିବା ବିଜେପି ପ୍ରତିଷ୍ଠା ଦିବସ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି, ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ପ୍ରସଙ୍ଗ ରେ ଆଲୋଚନା କରାଯାଇ ଥିଲା , ପ୍ରତିଷ୍ଠା ଦିବସ ରେ ସ୍ଥାନୀୟ ଖାନ ନଗର ସ୍ଥିତ ଜିଲ୍ଲା ମୂଖ୍ୟାଳୟ ରେ ବିଭିନ୍ନ କାର୍ଯ୍ୟକ୍ରମ ଯଥା ସ୍ୱଚ୍ଛ ଭାରତ, ବୃକ୍ଷ ରୋପଣ, ଦଳୀୟ ପତାକା ଉତୋଳନ, ପୁରାତନ କାର୍ଯ୍ୟକର୍ତା ଙ୍କୁ



ସମ୍ବର୍ଦ୍ଧନା ଇତ୍ୟାଦି କର୍ଯ୍ୟକମ କରାଯିବ ଏ ନେଇ ସଭପତି ଶ୍ରୀଯୁକ୍ତ ବେହେରା କହିଥିଲେ, ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର, ଉପ ସଭାପତି ଗୌରାଙ୍ଗ ଚରଣ ଦାସ, ବିଜୟ ସାହୁ, ବଶିଷ୍ଠ ନାରୀନେତ୍ରୀ ସୁଷମା ରାଣୀ ବିସ୍ୱାଳ, ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ଚନ୍ଦ୍ର ଶେଖର ନନ୍ଦ, ସମ୍ପାଦକ ରବୀତା ଦାସ, ଜିଲ୍ଲା ଗଣମାଧ୍ୟମ ସହ ସଂଯୋଜକ ରଣଜିତ୍ ପୃଷ୍ଟି,କାର୍ଯ୍ୟକାରିଣୀ ସଦସ୍ୟ ସଂଗ୍ରାମ ମହାନ୍ତି, ପୂଜା ତରାଇପ୍ରମୁଖ ଉପସ୍ଥିତ ଥିଲେ ଶେଷ ରେ ଜିଲ୍ଲା ସମ୍ପାଦକ ଚିତ ରଞ୍ଜନ ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ବାଲେଶ୍ୱର ଜିଲ୍ଲା ବିଦ୍ୟାଳୟମାନଙ୍କରେ ଲାଇବ୍ରେରୀ କିଣାରେ ବ୍ୟାପକ ଦୁର୍ନୀତି ଅଭିଯୋଗ

ବାଲେଶ୍ୱର(ନି.ପ୍ର.): ବାଲେଶ୍ୱର ଜିଲ୍ଲା ବିଦ୍ୟାଳୟମାନଙ୍କରେ ଲାଇବ୍ରେରୀ ବହିକିଣାରେ ବ୍ୟାପକ ଦୁର୍ନୀତି ହୋଇଥିବା ଏବଂ ଏହି ଦୁର୍ନୀତିକାର୍ଯ୍ୟରେ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ଓସେପା, ଜିଲ୍ଲା ପ୍ରଶାସନ, ଡିଇ, ବିଇଓ ପ୍ରମୁଖ ସାମିଲ ଥିବା ଅଭିଯୋଗ କରିଛନ୍ତି ବାଲେଶ୍ୱର ବିଦ୍ୟାଭାରତୀର ମୁଖ୍ୟ ଅଭୟ କୁମାର ଦାସ । ସେ ୩୧ ତାରିଖ ଅପରାହ୍ନରେ ବାଲେଶ୍ୱର ଷ୍ଟେସନକ୍ଲବ ଠାରେ ଆୟୋଜିତ ଏକ ସାମ୍ବାଦକ ସମ୍ମିଳନୀରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି କି, ଓସେପା ପତ୍ରସଂଖ୍ୟା-୯୫୫୮/ସିଡବ୍ଲୁ/୨୫ ତା ୮.୯.୨୫ ରିଖରେ ରାଜ୍ୟର ପ୍ରାଥମିକ ଠାରୁ ଉଚ୍ଚ ବିଦ୍ୟାଳୟ ସ୍ତରୀୟ ପ୍ରତ୍ୟେକ ବିଦ୍ୟାଳୟ ପାଠାଗାର ପାଇଁ ବହି କିଣିବା ନିମନ୍ତେ ବାଲେଶ୍ୱର ଜିଲ୍ଲା ଶିକ୍ଷାଧିକାରୀ ଜିଲ୍ଲା ସମଗ୍ର ଶିକ୍ଷାର ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଯେଉଁଥିରେକି ବିଦ୍ୟାଭାରତୀ, ଏନବିଟି ପ୍ରମୁଖ ଅନ୍ୟାନ୍ୟ ପୁସ୍ତକ ପ୍ରକାଶକମାନେ ଟେଣ୍ଡର ପ୍ରକ୍ରିୟାରେ ସାମିଲ



ହୋଇଥିଲେ ପୁସ୍ତକ ଯୋଗାଇବା ପାଇଁ । ହେଲେ ଓସେପା ପରବର୍ତୀ ସମୟରେ ପୂର୍ବ ପତ୍ରରୁ ଓହରିଯାଇ ସମଗ୍ର ଶିକ୍ଷା କାର୍ଯ୍ୟାଳୟର ୪.୩.୧୪, ୨୮.୧୧.୨୫ ରିଖରେ ଅନ୍ୟଏକ ପତ୍ର ଖସଡ଼ା ଘୋଷଣା କଲେ ଯେଉଁଥିରେ କି, କଟକର ବହୁ ଉତମ ପ୍ରକାଶକ ଏହାର ସୁବିଧା ସୁଯୋଗ ନେଇଥିବା ବେଳେ ବାଲେଶ୍ୱରର ବିଦ୍ୟାଭାରତୀକୁ ଉପେକ୍ଷା କରାଯାଇଛି । ଏହାଛଡ଼ା ବ୍ୟାପକ ଦୁର୍ନୀତି ଏହି ପୁସ୍ତକକିଣାରେ ରହିଥିବା ବେଳେ ଅଭିଭାବକମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଦଲାଲମାନେ ପଇସା ନେଇଥିବା ବେଳେ ବହି କଟକରୁ ଆସିବ ବୋଲି ପ୍ରକାଶ କରିବା ଘଟଣାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏଭଳି ଘଟଣାରେ ଯେଉଁମାନେ ସମ୍ପୃକ୍ତ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ବାଲେଶ୍ୱର ସାଂସଦଙ୍କ ଠାରେ ଦାବି କରାଯାଇଛି । ଆୟୋଜିତ ସାମ୍ବାଦକ ସମ୍ମିଳନୀରେ ଡ.ରାଧାରଂଜନ ପଟ୍ଟନାୟକ, ପ୍ରତିମା ପଣ୍ଡା, ଦେବାଶିଷ ପଣ୍ଡା, ବିଦ୍ୟାଧର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।




# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ






ନୟାଗଡ଼(ନିପ୍ର): ମଡେଲ ଡିଗ୍ରୀ କଲେଜ ଓ ନୟାଗଡ଼ ସଡ଼କ ପରିବହନ ପ୍ରାଧିକରଣ ଆନୁକୂଲ୍ୟରେ ସଡ଼କ ସୁରକ୍ଷାର ସମ୍ବେଦନତା ବିଷୟରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ମାନସ ରଞ୍ଜନ ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ସ୍ଥାନୀୟ ଏମ୍.ଭି.ଆଇ ପ୍ରକାଶ କୁମାର ଦୀପ୍ ଓ ସହକାରୀ ଆର.ଟି.ଓ. ସୁଶ୍ରୀ ଶ୍ରଦ୍ଧା ସାହୁ ବିଶେଷଜ୍ଞ ଭାବେ ଯୋଗ ଦେଇଥିଲେ । ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀମାନଙ୍କୁ ଏମ୍.ଭି.ଆଇ. ଦୁର୍ଘଟଣାକାଳୀନ "ଗୋଲଡେନ୍ ଆୱାର"ର ବିଶେଷତ୍ୱ ବିଷୟରେ ସୂଚନା ଦେଇଥିଲେ । ଛାତ୍ରଛାତ୍ରୀମାନେ ମୋଟର ଯାନ ଚଳାଇବା ସମୟରେ ଟ୍ରାଫିକ ନିୟମ ମାନିବା ସହିତ ସଡ଼କରେ ଦିଆଯାଇଥିବା ସଂକେତ ବିଷୟରେ ଜାଣିବା ପାଇଁ ଶ୍ରୀମତୀ ସାହୁ ବିଶେଷ ଗୁରୁତ୍ୱ ଦେଇଥିଲେ । ଯୁବ ଏନ୍.ଏନ୍.ଏସ୍. ଅଧିକାରୀ ଡକ୍ଟର ଗିରିଶ ଚନ୍ଦ୍ର ନାୟକ ସଭା ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ସଭା ପରବର୍ତ୍ତୀ ସମୟରେ ଏନ୍.ଏନ୍.ଏସ୍. ସ୍ୱେଚ୍ଛାସେବୀ ମାନେ ମହାବିଦ୍ୟାଳୟ ସମ୍ମୁଖରେ ଅବସ୍ଥିତ ନୟାଗଡ଼-ରଣପୁର ରାସ୍ତାରେ ଦୁଇ ଚକିଆ ଯାନ ଚାଳକମାନଙ୍କୁ ହେଲମେଟ୍ ପରିଧାନ, ଦ୍ରୁତ ଗତିରେ ଗାଡ଼ି ଚାଳନା ନକରିବା ପାଇଁ ପ୍ରବର୍ତ୍ତାଇଥିଲେ । ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିବା ବେଳେ ଗୌରମୋହନ ସାହୁ, ଡକ୍ଟର ସନ୍ତୋଷ କୁମାର ବେହେରା, ରୀନାବାଳା ଘଡ଼େଇ, ଡକ୍ଟର ସୁନୀଲ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର



ଯାଜପୁର(ନିପ୍ର): ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ସୁକିନ୍ଦା ବ୍ଲକ୍ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗର ଶୁଣାଣି କରିଥିଲେ । ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଂଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ମୋଟ ୬୪ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୫୪ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ / ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୨ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୦୫ ଗୋଟି ରେଡ୍ କ୍ରସ୍ ପାଣ୍ଠିରୁ ୦୩ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୧୨ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଯଶ ପ୍ରତାପ ଶ୍ରୀମାଲ୍, ଅତିରିକ୍ତ ଜିଲ୍ଲାପାଳ, ଯୁଧିଷ୍ଠିର ନାଏକ ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଦେବୀପ୍ରସାଦ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ସପନ କୁମାର ନନ୍ଦ, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ବିଜୟ କୁମାର ମିଶ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସୁକିନ୍ଦା ପ୍ରଜ୍ଞା ପାରମିତା ପୃଷ୍ଟି, ତହସିଲଦାର ,ସୁକିନ୍ଦା ମାନସ ରଞ୍ଜନ ତ୍ରିପାଠୀ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତି ଅଭିଯୋଗର ଶୁଣାଣି କରିଥିଲେ ।

# ମାନବ ଚାଲାଣ ଓ ନାରୀ ସଶକ୍ତିକରଣ ନେଇ ଏକ କର୍ମଶାଳା ଅନୁଷ୍ଠିତ

ଯାଜପୁର(ନିପ୍ର): ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନରେ ପୋଲିସ ପ୍ରଶାସନ ପକ୍ଷରୁ ମାନବ ଚାଲାଣ ଓ ନାରୀ ସଶକ୍ତିକରଣ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ କେନ୍ଦ୍ରାଂଚଳ ଆଇ.ଜି ଡ଼ ସତ୍ୟଜିତ ନାୟକ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଯାଜପୁର ଏସପି ୟସ ପ୍ରତାପ ଶ୍ରୀମାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶିତିକଣ୍ଠ କାନୁନଗୋ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ପ୍ରମୁଖ ଯୋଗ ଦେଇ ନାରୀ ସଶକ୍ତିକରଣ ଓ ମାନବ ଚାଲାଣ ରୋକିବାରେ ଏହି କର୍ମଶାଳା ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ । ଏହି କର୍ମଶାଳାରେ ଯାଜପୁର, ଜଗତସିଂହପୁର, କଟକ, କେନ୍ଦ୍ରାପଡା ସମେତ ୭ଜିଲ୍ଲାର ୧୫୦ରୁ ଉର୍ଦ୍ଧ୍ୱ ପୋଲିସ ଅଧିକାରୀ ଯୋଗ ଦେଇ ପ୍ରଶିକ୍ଷଣ ଗ୍ରହଣ କରିଥିଲେ ।

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ

ଯାଜପୁର(ନିପ୍ର): ଯାଜପୁର ସହରର କଲେଜଛକସ୍ଥିତ ବୀଣାପାଣି ନଗରରେ ଗ୍ରାମବାସୀଙ୍କ ଉଦ୍ୟମରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ବୀଣାପାଣି ନଗରର ବରିଷ୍ଠ ଶିକ୍ଷାବିତ ଅଜୟ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରି ପ୍ରତ୍ୟେକ ରକ୍ତଦାତା ଜଣେ ଜୀବନଦାତା ବୋଲି ମତବ୍ୟକ୍ତ କରିଥିଲେ । ସମାଜସେବୀ ନବଘନ ରାଉତଙ୍କ ସଂଯୋଜନାରେ ଅମରଜୀତ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମସ୍ତ ଗ୍ରାମବାସୀ ମାନେ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିବା ସହ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ଏହି ଶିବିରରେ ସ୍ଥାନୀୟ ଅଂଚଳର ନରେନ୍ଦ୍ର ଜେନା, ପ୍ରତାପ କୁମାର ଦାସ, ଭଗବାନ ଜେନା, ଓମ ପ୍ରକାଶ, ସୌମ୍ୟ, ବିରଂଚି, ଆଲୋକ, ଅମିୟ, ନିରଞ୍ଜନ, ଚିତ ରଞ୍ଜନ, ସନ୍ଦିପ, ଅନିଲ, ସତ୍ୟ ପ୍ରମୁଖ ଯୋଗ ଦେଇ ରକ୍ତଦାନ ଶିବିର ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ । ଯାଜପୁର ରେଡକ୍ରସ ସହାୟତା ରେ ଅନୁଷ୍ଠିତ ଏହି ଶିବିରରେ ମୋଟ ୫୦ ରୁ ଉର୍ଦ୍ଧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା ।

# ସାମ୍ବାଦିକଙ୍କୁ ଆକ୍ରମାଣ କରି ଜେଲ ଗଲେ ବିଶୃଙ୍ଖଳିତ ଯୁବକ

ନୟାଗଡ଼(ନିପ୍ର): ଜିଲ୍ଲା ରଣପୁର ଗତ ୨୧.୩.୨୦୨୬ ରିଖ ସନ୍ଧ୍ୟା ୬ ଘଂଟିକା ସମୟରେ ଚାରିଅଟ ପବ୍ଲିକ ସ୍କୁଲ ରେ ବାର୍ଷିକ ଉତ୍ସବ ଚାଲିଥିଲା ସମୟରେ । ପୂର୍ବରୁ ସମ୍ବାଦ ପରିବେଷଣ କୁ ନେଇ ଆକ୍ରୋଶ ରଖିଥିବା ଦୀନବନ୍ଧୁ ପଣ୍ଡା ଓରଫ ବୁଲୁପଣ୍ଡା ବଳଭଦ୍ରପୁର ଗ୍ରାମ ପଂଚାୟତ ବାସୁଦିଆ ଗ୍ରାମ ର ହଟାତ ରାସ୍ତାରେ ଗାଡି ରଖି କାର୍ଯ୍ୟରତ ସାମ୍ବାଦିକଙ୍କୁ ଅଶ୍ଳୀଶ ଗାଳି କରିଥିଲା । ଗାଳି କରିବା କାରଣ କଣ ପଚାରିବାରୁ ସମ୍ବାଦ ଦାତାଙ୍କ ସହିତ ବୁଲୁ ପଣ୍ଡା ଝଗଡା କରିବା ସହିତ ହାତ ଉଠାଇଥିଲା । ପରେ ତାର ସାନ ଭାଇ କୃପାସିନ୍ଧୁ ପଣ୍ଡା ଏବଂ ଜଣେ ଭଡାଟିଆ ଗୁଣ୍ଡାକୁ ଡକାଇ ପୁନର୍ବାର ସାମ୍ବାଦିକଙ୍କୁ ମିଳିତ ଭାବରେ ଆକ୍ରମଣ କରି ସେଠାରୁ ଚମ୍ପଟ ମାରିଥିଲେ । ସେଠାରେ ଉପସ୍ଥିତ ଲୋକଙ୍କ ସହାୟତାରେ ସାମ୍ବାଦିକ ଜଣକ ନିକଟସ୍ତ ଚିକତ୍ସାଳୟ ରେ ଚିକତ୍ସତ ହୋଇ ରଣପୁର ଥାନାରେ ଅଭିଯୋଗ କରିଥିଲେ । ଥାନା ଅଧିକାରୀ ଆଶିଷ ଦେବ ସାହୁ ଅଭିଯୋଗକୁ ଗୁରୁତ୍ୱ ର ସହ ନେଇ ନିରପେକ୍ଷ ତଦନ୍ତ କରି ୮୦/୨୬ ରେ ମାମଲା ରୁଜୁ କରିଥିଲେ । ପରେ ଅଭିଯୁକ୍ତ ମାନେ ଫେରାର ଥିବାରୁ । ତାଙ୍କୁ ବହୁତ ଖୋଜା ଖୋଜି କରିବା ପରେ ଶେଷରେ ମୁଖ୍ୟ ଅଭିଯୁକ୍ତ ବୁଲୁପଣ୍ଡାକୁ ନିଜ ଫାର୍ମ ହାଉସରୁ ଗିରଫ କରିଥିଲା । ଆଗରୁ ଅନେକ ଅପରାଧ ମାମଲାରେ ସମ୍ପୃକ୍ତ ଥିଲେ ମଧ ଖୁବ ଚତୁରତାର ସହିତ ବୁଲୁପଣ୍ଡା ଖସି ଯାଉଥିଲା । ରଣପୁର ପୋଲିସଙ୍କର ତୀକ୍ଷ୍ଣ ନଜର ଆଉ ବିଛାଇଥିବା ଜାଲ ରେ ପଡିଥିଲା । ପୋଲିସଙ୍କର ତତ୍ପର ପାଇଁ ସବୁ ଆଡୁ ସାଧୁବାଦର ବାର୍ତ୍ତା ସୁଅ ଛୁଟିଥିଲା । ପରେ ବେଲ ନା ମଞ୍ଜୁର ହେବାରୁ ଜେଲକୁ ପଠାଯାଇଥିଲା । ଆଉ ଦୁଇଜଣ ଅଭିଯୁକ୍ତ ଫେରାର ରହିଥିଲେ ।

ଗୃହ ମନ୍ତ୍ରାଳୟ
भारत सरकार

ଆମର ଜନଗଣନା, ଆମର ବିକାଶ
(ଜନଗଣନା ୨୦୨୭ର ୧ମ ସୋପାନ)

ଭାରତ ସରକାରଙ୍କ ଦ୍ୱାରା ଆପଣଙ୍କ ରାଜ୍ୟ / ସଂଘ ରାଜ୍ୟ କ୍ଷେତ୍ରରେ ଘର ସୂଚୀକରଣ ଏବଂ ଘର ଗଣତି ଆରମ୍ଭ ହୋଇଯାଇଅଛି । ଏଥିପାଇଁ ପ୍ରଥମ ୧୫ ଦିନ ବିଶେଷ ସୁବିଧା ଦିଆଯାଉଅଛି, ଯେଉଁଥିରେ ଆପଣ ନିଜେ ନିଜର ସୂଚନା ଅନ୍‌ଲାଇନ୍ ଭରିପାରିବେ ।







ସ୍ୱ-ଗଣନା (Enumeration)
ସରଳ ଏବଂ ସୁରକ୍ଷିତ ଡିଜିଟାଲ ସୁବିଧା

କିପରି କରିବେ ସ୍ୱ-ଗଣନା ?

୧ ଆଧିକାରୀକ ପୋର୍ଟାଲ (se.census.gov.in)କୁ ଯାଆନ୍ତୁ
୨ ଆପଣଙ୍କ ମୋବାଇଲ ନମ୍ବରରେ ଓଟିପି ଦ୍ୱାରା ଲଗ୍ ଇନ୍ କରନ୍ତୁ
୩ ଆପଣଙ୍କ ରାଜ୍ୟ, ଜିଲ୍ଲା ଏବଂ ସ୍ଥାନୀୟ ବିବରଣୀ ମନୋନୀତ କରନ୍ତୁ
୪ ଡିଜିଟାଲ ମାନଚିତ୍ରରେ ଆପଣଙ୍କ ଘରର ସ୍ଥାନ ଚିହ୍ନଟ କରନ୍ତୁ
୫ ଘର ଏବଂ ପରିବାର ସମ୍ପର୍କୀତ ସୂଚନା ଭରନ୍ତୁ
୬ ଆବେଦନ ପରେ SEID ମିଳିବ
୭ SEID ସୁରକ୍ଷିତ ରଖନ୍ତୁ
୮ ସୁରକ୍ଷିତ ଗଣନାକାରୀ ଆସିବା ପରେ SEID ଦେବେ
୯ ଗଣନାକାରୀ ସୂଚନାର ସବିଶେଷ ଭରିବେ

ଏହାର ଲାଭ
ସମୟ ବଂଚିବ
ସଠିକ ବଂଚିବ
ସଠିକ ଡାଟା ପ୍ର ସଂସ୍କରଣ

ମନେ ରଖନ୍ତୁ: ସ୍ୱ-ଗଣନା ଏକ ବିଶେଷ ସୁବିଧା ଅଟେ
ଯଦି ଆପଣ ସ୍ୱ-ଗଣନା ଭରିପାରି ନାହାଁନ୍ତି, ତେବେ ଚିନ୍ତା କରନ୍ତୁ ନାହିଁ, ନିର୍ଦ୍ଧାରିତ ସମୟରେ ଗଣନାକାରୀ ଆପଣଙ୍କ ଘରକୁ ଆସି ସୂଚନା ଭରିବେ ।
ଆପଣଙ୍କ ସମସ୍ତ ସୂଚନା ସମ୍ପୂର୍ଣ୍ଣ ଗୋପନୀୟ ଏବଂ ସୁରକ୍ଷିତ ରହିବ

ଆଣ୍ଡାମାନ ଏବଂ ନିକୋବର ଦ୍ୱିପପୁଞ୍ଜ, ଗୋଆ, କର୍ଣ୍ଣାଟକ, ସିକିମ୍, ଲାକ୍ଷାଦ୍ୱିପ, ଓଡ଼ିଶା ଏବଂ ମିଜୋରାମ

| ସ୍ୱ - ଗଣନା | ଘର ସୂଚୀକରଣ |
| --- | --- |
| ୧ ରୁ ୧୫ ଅପ୍ରେଲ | ୧୬ ଅପ୍ରେଲ - ୧୫ ମଇ |

ଦାଦନ ଏବଂ ନଗର ହାବେଳି ଏବଂ ଦାମୋନ ଓ ଡ୍ୟୁ

| ସ୍ୱ - ଗଣନା | ଘର ସୂଚୀକରଣ |
| --- | --- |
| ୫ ରୁ ୧୯ ଅପ୍ରେଲ | ୨୦ ଅପ୍ରେଲ ରୁ ୧୯ ମଇ |

CBC 19108/13/0012/2526

ଚାଲନ୍ତୁ ଆମର ଦାୟିତ୍ୱ ନିର୍ବାହ କରିବା, ଜନଗଣନାରେ ଭାଗିଦାରୀ ହେବା
CensusIndia2027











ସରଳତା ଓ ଗୋପନୀୟତା କେବେ ହେଲେ ବହୁକାଳ ଏକତ୍ର ରହି ପାରିବେ ନାହିଁ ।

# ଆଜିକାଲି




*କାଶ୍ୟଶ୍ଚ ପରମେଷ୍ୱାସଃ, ଶିଖଣ୍ଡୀ ଚ ମହାରଥଃ
ଧୃଷ୍ଟଦ୍ୟୁମ୍ନୋବିରାଟଶ୍ଚ, ସାତ୍ୟକିଶ୍ଚାପରାଜିତଃ ॥
(ଶ୍ରୀମଦ୍ ଭଗବତ୍ ଗୀତା)*

ଭାବାର୍ଥ : ମହାଧନୁର୍ଦ୍ଧାରୀ କାଶୀରାଜା, ମହାରଥି ଶିଖଣ୍ଡୀ, ଧୃଷ୍ଟଦ୍ୟୁମ୍ନ, ବିରାଟ ରାଜା, ଯୁଦ୍ଧଜୟୀ ସାତ୍ୟକୀ ଏମାନେ ନିଜ ନିଜ ଶଙ୍ଖ ବଜାଇଲେ

## ଓଡ଼ିଶାବାସୀଙ୍କ ସ୍ୱପ୍ନ

ଆଜି ଉତ୍କଳ ଦିବସ । ଏଇ ଦିନ ସହିତ ଆମର ଅସ୍ମିତା ଜଡ଼ିତ । ଓଡ଼ିଆ ଭାବେ ବଂଚ଼ି ରହିବା ବଡ଼ କଥା ନୁହେଁ, ଓଡ଼ିଆର ଅସ୍ମିତା ଓ ସ୍ୱାଭିମାନ ନେଇ ବଂଚ଼ି ରହିବା ଦ୍ୱାରା ହିଁ ଆମ ପୂର୍ବପୁରୁଷମାନଙ୍କ ଆତ୍ମା ଶାନ୍ତି ପାଇବ । ଓଡ଼ିଶାର ଲୋକସଂଖ୍ୟା ଜାତୀୟ ଲୋକସଂଖ୍ୟାର ଚାରି ଭାଗରୁ କିଛି ଅଧିକ, କିନ୍ତୁ ଭାରତୀୟ ମାନଙ୍କ ଜୀବନଚର୍ଯ୍ୟା, ଜୀବନଦର୍ଶନ, ଆଶା ଆକାଂକ୍ଷା ଏବଂ ସ୍ୱପ୍ନ ସହିତ କାହିଁକି ଓଡ଼ିଆ ମାନେ ମୁଣ୍ଡଟେକି ଠିଆ ହୋଇ ପାରୁ ନାହାନ୍ତି ଏହା କୋଟିଏ ଟଙ୍କାର ପ୍ରଶ୍ନ । ୧୫୬୮ରେ କଳିଙ୍ଗ ସାମ୍ରାଜ୍ୟର ପତନ ହେଲା । ଚାରୋଟି ଜିଲ୍ଲା ଓଡ଼ିଶାର ବିଭିନ୍ନ ଅଂଶ ମାନ୍ଦ୍ରାଜ, ମଧ୍ୟପ୍ରଦେଶ, ବଙ୍ଗଦେଶ ଅଧୀନରେ ରହିଲା । ଏଇ ଧାରା ରହିଲା ୧୯୩୬ ପର୍ଯ୍ୟନ୍ତ । ଦୀର୍ଘ ପ୍ରାୟ ଚାରିଶହ ବର୍ଷ ଓଡ଼ିଶାର ତିନିଭାଗ ପ୍ରତିବେଶୀ ରାଜ୍ୟରେ ରହିଯିବାରୁ ଓଡ଼ିଆମାନେ ଭୁଲିଗଲେ ନିଜର ଭାଷା, ସଂସ୍କୃତି, ଚଳଣି । ମଧୁବାବୁ, ଗୋପବନ୍ଧୁ ବାବୁ ଓ ଅନ୍ୟାନ୍ୟ ପ୍ରାତସ୍ମରଣୀୟ ଦେଶପ୍ରେମୀ ମାନଙ୍କର ଲଢ଼େଇ ଯୋଗୁଁ ୧୯୩୬ରେ ଅନ୍ୟାନ୍ୟ ରାଜ୍ୟରେ ରହିଯାଇଥିବା ଅଂଶର କିଛି ଓଡ଼ିଶା ପ୍ରଦେଶ ସହିତ ସାମିଲ ହେଲା । ଏଇ ଚାରିଶହ ବର୍ଷର ମାତୃଭୂମି ଠାରୁ ବିଚ୍ଛିନ୍ନ ହୋଇ ରହିବା ଦ୍ୱାରା ମୂଳ ଓଡ଼ିଶାର ଲୋକମାନେ ଯେପରି ସେମାନଙ୍କୁ ପାସୋରିଲେ, ସେହିପରି ଅନ୍ୟାନ୍ୟ ରାଜ୍ୟର ଭାଷା, ସଂସ୍କୃତି, ଚଳଣି ସହିତ ବଂଚ଼ିବା ଯୋଗୁଁ ଓଡ଼ିଆ ଜାତିର ଗର୍ବ ଓ ଗୌରବ କେବଳ ଇତିହାସ ହୋଇ ରହିଗଲା । ବ୍ରିଟିଶ ସରକାର ୧୮୦୩ରେ ଓଡ଼ିଶା ଜୟ କଲା ସତ, କିନ୍ତୁ ତାପରେ ପ୍ରାୟ ଦେଢ଼ଶହ ବର୍ଷ ଧରି ବିଜିତ ପ୍ରଦେଶମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ, ଭିତିଭୂମି ଇତ୍ୟାଦିର ବିକାଶ ନିମନ୍ତେ କାମ କରିଥିଲେ ମଧ୍ୟ ଓଡ଼ିଶାର ଆଭ୍ୟନ୍ତର ସହିତ ଚାରିପାଖର ଓଡ଼ିଆ ଅ□ଳର ସଂଯୋଗ ନଥିବାରୁ ଜାତୀୟତା ପୁଣି ଥରେ ପୁନଃଜୀବିତ ହେଲାନାହିଁ । ଏଇଧାରା ଏବେ ବି ରହିଛି । ଯେଉଁ କଳିଙ୍ଗମାନେ ପୂର୍ବ ଓ ପଶ୍ଚିମ ଏସିଆର ବୃହ□ର ଅ□ଳରେ ପସରା ମେଲାଇ ଥିଲେ ବାଣିଜ୍ୟ ବ୍ୟବସାୟ କରିବା ପାଇଁ ଏବଂ ବିପୁଳ ଧନରତ୍ନ ଆଣିଥିଲେ ସ୍ୱଦେଶକୁ ଆହରଣର ସେଇ ସ୍ରୋତ ବନ୍ଦ ହୋଇଗଲା । ଫଳରେ ଓଡ଼ିଆ ଏକ ପଛୁଆ ରାଜ୍ୟ ହୋଇ ରହିଲା । ଦେଶ ସ୍ୱାଧୀନ ହେବା ପରେ ମଧ୍ୟ ଓଡ଼ିଶାର ଆଭ୍ୟନ୍ତର ସହିତ ଅନ୍ୟାନ୍ୟ ଅ□ଳକୁ ରେଳ, ରାଜପଥ, ବନ୍ଦର ପ୍ରଭୃତିର ସଂଯୋଗ ନହେବାରୁ ଓଡ଼ିଆମାନେ କଳିଙ୍ଗ ସାମ୍ରାଜ୍ୟ ସ୍ମୃତି ରହିଗଲା । ଓଡ଼ିଶାର ଅନଗ୍ରସରତାର ମୂଳ କାରଣ ଏଇ ବିଚ୍ଛିନ୍ନତାବୋଧ, କିନ୍ତୁ ସ୍ୱାଧୀନ ହେବା ପରେ ମଧ୍ୟ ଏ ରାଜ୍ୟର ଅର୍ଥନୀତିକ ବିକାଶ ପାଇଁ ଯଥାର୍ଥ ଦୃଷ୍ଟି ଦିଆଯାଇ ନାହିଁ । ଫଳରେ ଆଭ୍ୟନ୍ତର ଓଡ଼ିଶା ସହିତ ଚାରିକଡ଼ର ଓଡ଼ିଶାର ସଂଯୋଗ ନାହିଁ । ଓଡ଼ିଆ ଭାଷା, ସଂସ୍କୃତି ଓ ଧର୍ମଧାରା ଜଗନ୍ନାଥଙ୍କୁ କେନ୍ଦ୍ର କରି ନିଜର ଚିନ୍ତା ଓ ଚେତାର ପୁନଃବିନ୍ୟାସ କଲା ସତ କିନ୍ତୁ ଓଡ଼ିଆ ସ୍ୱାଭିମାନ ଆଉ ସଂଜୀବିତ ହୋଇନାହିଁ । କାରଣ ପ୍ରାକୃତିକ ପ୍ରତିକୂଳତା ଯଥା - ବନ୍ୟା, ବାତ୍ୟା ଓ ମରୁଡ଼ି ଓଡ଼ିଶାକୁ କାବୁ କରି ରଖିଛି । ଦ୍ୱିତୀୟରେ ୨୬ଟି ଗଡ଼ଜାତର ସାମାଜିକ ବିକାଶ ଅନେକ ପଛରେ ଥିବାରୁ ଏ ପର୍ଯ୍ୟନ୍ତ ସେସବୁ ଅଂଚଳ ସେହିପରି ରହିଛି । ତୃତୀୟ କାରଣଟି ହେଲା ଓଡ଼ିଶାର ୪୮୦ କିଲୋମିଟର ସମୁଦ୍ର କୂଳ, ବିପୁଳ ଖଣିଜ ପଦାର୍ଥ, ନଦନଦୀ ଏବଂ ମେହନତ କରୁଥିବା ମଣିଷ ଥିବା ସତ୍ୱେ ଏସବୁ ସଂପଦର ସୁବିନିଯୋଗ କରାଯାଇ ନାହିଁ । ଏହିସବୁ କାରଣରୁ ଓଡ଼ିଶାରୁ ଖଣିଜ ପଦାର୍ଥ ଦେଇ ପ୍ରତିବେଶୀ ରାଜ୍ୟ ସମୃଦ୍ଧ ହୋଇଛନ୍ତି । କିନ୍ତୁ ଏବେ ବି ଓଡ଼ିଆମାନେ ବେଠି ଖଟିବା ପାଇଁ ବାହାର ରାଜ୍ୟକୁ ଯାଉଛନ୍ତି । ଗତ ଦଶ ପନ୍ଦର ବର୍ଷ ମଧ୍ୟରେ କିଛି ଶିଳ୍ପ ସ୍ଥାପନ ହୋଇଥିଲେ ମଧ୍ୟ ସବୁଠାରୁ ଅଣ-ଓଡ଼ିଆଙ୍କ ଆଧିପତ୍ୟ । କେବଳ ପ୍ରଯୁକ୍ତି କ୍ଷେତ୍ରରେ ହଜାର ହଜାର ଓଡ଼ିଆ ଯୁବକ ରାଜ୍ୟ ଓ ଦେଶ ବାହାରେ ନିଯୁକ୍ତି ପାଇ ରାଜ୍ୟକୁ ସମୃଦ୍ଧ କରିବାରେ ସାହାଯ୍ୟ କରିଛନ୍ତି ।

## ସ୍ୱତନ୍ତ୍ର ଓଡ଼ିଶା ଗଠନ କ୍ଷେତ୍ରରେ ମହାତ୍ମା ଗାନ୍ଧୀ

◆ ଅଲେଖ ଚନ୍ଦ୍ର ସାମଲ



୧୯୩୬ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ୧୫ ବର୍ଷ ପୂର୍ବରୁ ମହାତ୍ମା ଗାନ୍ଧୀ କଂଗ୍ରେସ ସଂଗଠନରେ ଓଡ଼ିଶାକୁ ପ୍ରଥମ ସ୍ୱୀକୃତି ଦେଇଥିଲେ । ୧୯୨୧ ମସିହାରେ ତାଙ୍କ ନିର୍ଦ୍ଦେଶରେ ଓଡ଼ିଆ ଭାଷାଭାଷୀ ଅ□ଳକୁ ନେଇ ଉତ୍କଳ ପ୍ରଦେଶ କଂଗ୍ରେସ କମିଟି ଗଢ଼ା ଯାଇଥିଲା ଏବଂ ଏହାର ପ୍ରଥମ ସଭାପତି ହୋଇ ଥିଲେ ଉତ୍କଳ ମଣି ଗୋପବନ୍ଧୁ ଦାସ । ଇଂରେଜ ଶାସନ ସମୟରେ ଆମ ରାଜ୍ୟର ଅସ୍ତିତ୍ୱକୁ ଲୋପ କରାଯାଇ ଏହାକୁ ପଡ଼ୋଶୀ ରାଜ୍ୟ ମାନଙ୍କ ସହ ରଖାଯାଇଥିଲା । ବଙ୍ଗଳା, କେନ୍ଦ୍ରପ୍ରଦେଶ ଓ ମାନ୍ଦ୍ରାଜ ପ୍ରେସିଡେନ୍ସି ଭିତରେ ମୁଖ୍ୟତଃ ଓଡ଼ିଶାକୁ ବାଂଟି ଦିଆଯାଇଥିଲା । ତଦନୁଯାୟୀ ଓଡ଼ିଶା ପାଇଁ ବ୍ୟବସ୍ଥାପକ ସଭା କେତେବେଳେ ପାଟନାରେ ତ କେତେବେଳେ କୋଲକତାରେ ଓ ଆଉ କେତେବେଳେ ମାଡ୍ରାସରେ ରହୁଥିଲା । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ନେତୃତ୍ୱରେ ଉତ୍କଳ ସମ୍ମିଳନୀ ଗଢ଼ାଯିବାପରେ ଏଥିରେ ସେତେବେଳର ପ୍ରମୁଖ ଓଡ଼ିଆ ନେତାମାନେ ସାମିଲ ହୋଇ ଥିଲେ । ବିଭିନ୍ନ ମଂଚ□ରେ ସମ୍ମିଳନୀ ପକ୍ଷରୁ ସ୍ୱତନ୍ତ୍ର ଓଡ଼ିଆ ପ୍ରଦେଶ ଗଠନ ପାଇଁ ଦାବି ଉଠୁଥିଲେ ବି ଇଂରେଜ ସରକାର ତାହାକୁ ବାରମ୍ବାର ଏଡ଼ାଇ ଯାଉଥିଲେ । ଉଭୟ ମଧୁବାବୁ ଓ ଗୋପବନ୍ଧୁଙ୍କ ସହିତ ଗାନ୍ଧୀଜୀଙ୍କର ନିବିଡ଼ ସମ୍ପର୍କ ଥିଲା । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଦାବିକୁ ସେ ପୂର୍ଣ୍ଣପ୍ରାଣରେ ସମର୍ଥନ କରିବା ସହିତ ଜାତୀୟ ସ୍ତରରେ କଂଗ୍ରେସ ସଂଗଠନରେ ଓଡ଼ିଶାକୁ ସର୍ବପ୍ରଥମେ ମାନ୍ୟତା ଦେଇ ଉତ୍କଳ ପ୍ରଦେଶ କଂଗ୍ରେସ କମିଟି ଗଢ଼ିଥିଲେ । ଓଡ଼ିଆ ଭାଷାଭାଷୀ ଲୋକଙ୍କୁ ନେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରାଯାଉ ବୋଲି ଉତ୍କଳ ସମ୍ମିଳନୀ ଓ ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ଦାବିକୁ ମହାତ୍ମା ଗାନ୍ଧୀ ଖୋଲା ସମର୍ଥନ ଦେଉଥିଲେ । କେବଳ ସେତିକି ନୁହେଁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ସେତେବେଳେ ଯେଉଁ ଦାବି ଉଠୁଥିଲା ତାହା ସପକ୍ଷରେ ଗାନ୍ଧୀଜୀ ବଳିଷ୍ଠ ଯୁକ୍ତିଦର୍ଶାଇ ବଡ଼ଲାଟଙ୍କୁ ମଧ୍ୟ ପ୍ରଭାବିତ କରୁଥିଲେ । ବିଶେଷକରି ଉତ୍କଳ ପ୍ରଦେଶ କଂଗ୍ରେସ କମିଟି ୧୯୨୧ ମସିହାରେ ଗଢ଼ାଯିବା ପରେ ଓଡ଼ିଶାର ଲୋକେ ସ୍ୱତନ୍ତ୍ର ପରିଚିତି ନେଇ ଜାତୀୟ ମୁକ୍ତି ଆନ୍ଦୋଳନରେ ସାମିଲ ହୋଇ ଥିଲେ । ଏପରିକି ୧୯୩୦ର ଲବଣ ସତ୍ୟାଗ୍ରହ ଆନ୍ଦୋଳନ ଓଡ଼ିଶାରେ ଏତେ ବ୍ୟାପକ ହୋଇଥିଲା ଯେ ଗାନ୍ଧୀଜୀଙ୍କ ନେତୃତ୍ୱରେ ହୋଇ ଥିବା ଦାଣ୍ଡି ଅଭିଯାନ ପଛକୁ ଇତିହାସରେ ଏହାର ନାମ ରହିଥିଲା । ୧୯୨୦ରେ ଓଡ଼ିଶାର ପୁରୀ ଜିଲ୍ଲାରେ ଦୁର୍ଭିକ୍ଷ ଜନିତ ପରିସ୍ଥିତି ଉପୁଜି ହଜାର ହଜାର ଲୋକ ଅନାହାରରେ ମୃତ୍ୟୁବରଣ କରିଥିବାବେଳେ ମହାତ୍ମାଗାନ୍ଧୀ ଗଣମାଧ୍ୟମରେ 'ଓଡ଼ିଶାରେ ଦୁର୍ଭିକ୍ଷ' ଶୀର୍ଷକ ଲେଖାଛାପି ଦୁର୍ଗତ ଲୋକଙ୍କ ତ୍ରାଣକାର୍ଯ୍ୟ ପାଇଁ ବ୍ୟାପକ ସହାୟତା ବ୍ୟବସ୍ଥା ବି କରିଥିଲେ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପୂର୍ବରୁ ୧୯୩୪ରେ ଓଡ଼ିଶାରେ ସେ ମାସବ୍ୟାପୀ ବ୍ୟାପକ ପଦଯାତ୍ରା ବି କରିଥିଲେ । ଉତ୍କଳଗୌରବ, ଉତ୍କଳମଣି, ଗୋପବନ୍ଧୁ ଚୌଧୁରୀ, ନୀଳକଣ୍ଠ ଦାସ, ଆଚାର୍ଯ୍ୟ ହରିହର, ଗୋପାଳଚନ୍ଦ୍ର ପ୍ରହରାଜ ପ୍ରମୁଖ ଉତ୍କଳର ବହୁ ଆଗଧାଡ଼ିର ନେତାଙ୍କୁ ସେ ସ୍ୱତନ୍ତ୍ର ରାଜ୍ୟ ଗଠନ ଏବଂ ଓଡ଼ିଶାର ଦାରିଦ୍ର୍ୟମୋଚନ ଲାଗି ସହଯୋଗ ମଧ୍ୟ ଦେଉଥିଲେ । ଇତିହାସର ଏହି କଥାବସ୍ତୁ ବର୍ତ୍ତମାନର ପିଢ଼ୀ ନିକଟରେ ଅନାଲୋଚିତ ହୋଇ ରହୁଛି । ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଥିଲା । ଭାଷା ଭିତିରେ ଗଠିତ ହୋଇଥିବା ଦେଶର ପ୍ରଥମ ରାଜ୍ୟ ଥିଲା ଓଡ଼ିଶା । ବ୍ରିଟିଶ ଶାସନ ସମୟରେ ବଙ୍ଗ, ବିହାର ଓ ମାଡ୍ରାସ୍‌ରେ ବହୁଳ ଭାବରେ ବିଭାଜିତ ହୋଇ ରହିଥିବା ଓଡ଼ିଆ ଭାଷାଭାଷୀ ଅ□ଳକୁ ନେଇ ଏକ ସ୍ୱତନ୍ତ୍ର ରାଜ୍ୟ ଗଠନ କରିବା ଲାଗି ଏ ମାଟିର ବରପୁତ୍ର ମାନେ ସ୍ୱପ୍ନ ଦେଖିଥିଲେ । ଏହି ସ୍ୱପ୍ନକୁ ସାକାର କରିବା ଲାଗି ବରପୁତ୍ରମାନେ ଆପ୍ରାଣ ଉଦ୍ୟମ କରିଥିଲେ । କିଏ ରାଜନୈତିକ କ୍ଷେତ୍ରରେ ଉଦ୍ୟମ କରିଥିଲେ ତ ଆଉ କିଏ ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଆ ଭାଷା ଆନ୍ଦୋଳନକୁ ଜୀବନ୍ତ କରିଥିଲା । ଯାହା ସ୍ୱତନ୍ତ୍ର ଓଡ଼ିଶା ଗଠନରେ ସହାୟକ ହୋଇ ଥିଲା । ସ୍ୱତନ୍ତ୍ର ଓଡ଼ିଶା ଗଠନରେ ଉତ୍କଳ ସମ୍ମିଳନୀ ଅଗ୍ରଣୀ ସଂଘ ଭାବେ କାର୍ଯ୍ୟ କରିଥିଲା । ଏହା ବ୍ୟତୀତ ଉତ୍କଳ ଗୌରବ ମଧୁସୂଦନ, ଉତ୍କଳମଣି ଗୋପବନ୍ଧୁ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ପଣ୍ଡିତ ନୀଳକଣ୍ଠ ଦାସ, ଫକୀରମୋହନ ସେନାପତି, ଗଙ୍ଗାଧର ମେହେର, ବାସୁଦେବ ସୁଢ଼ଳଦେବ, ରାଧାନାଥ ରାୟ, ଭୁବନାନନ୍ଦ ଦାସ ପ୍ରମୁଖ ବରପୁତ୍ର ଓଡିଶା ରାଜ୍ୟ ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ୬ଟି ଜିଲ୍ଲା କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର, କୋରାପୁଟ, ଗଞ୍ଜାମକୁ ନେଇ ଗଠିତ ସ୍ୱତନ୍ତ୍ର ରାଜ୍ୟ ଓଡ଼ିଶାର ରାଜଧାନୀ ଥିଲା କଟକ । ସ୍ୱତନ୍ତ୍ର ଓଡ଼ିଶା ଗଠନ ଦିବସକୁ ମନେ ପକାଇବା ପାଇଁ ପ୍ରତିବର୍ଷ ଏପ୍ରିଲ ୧ ତାରିଖକୁ ଉତ୍କଳ ଦିବସ ଭାବେ ପାଳନ କରାଯାଇଥାଏ । ଏହି ଦିବସ ପ୍ରତିଟି ଓଡ଼ିଆଙ୍କ ପାଇଁ ବିଶେଷ ଗୁରୁତ୍ୱବହନ କରିଥାଏ

*ସହକାରୀ ବନ୍ୟ ସଂରକ୍ଷକ, ରାୟଗଡ଼ା ବନ୍ୟ ଡିଭିଜନ*

## ଓଡ଼ିଆ ଜାତିର ସ୍ୱାଭିମାନ

◆ କୈଳାସ ଚନ୍ଦ୍ର ଜେନା

ଇତିହାସ କୁହେ ଦୁର୍ଦ୍ଧଶ ଓଡିଆ ପାଇକମାନଙ୍କ ସାମରିକ ଶକ୍ତି ବଳରେ କଳିଙ୍ଗର ସାମ୍ରାଜ୍ୟ ଗଙ୍ଗା ଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତିର୍ଣ୍ଣ ଥିଲା । ଓଡିଆ ଜାତିର ତାରକସୀ ଶିଳ୍ପ ଦେଶ ବିଦେଶରେ ପ୍ରତିଷ୍ଠା ଲାଭ କରିଥିଲା । ଓଡିଆ ଜାତି ତା'ର କଳା ଓ ଭାସ୍କର୍ଯ୍ୟ ପଥର ବି କଥା କହୁଛି । ଏହାର ମୂକ ସାକ୍ଷୀ ରୂପେ ଦଣ୍ଡାୟମାନ କୋଣାର୍କ ସୂର୍ଯ୍ୟ ମନ୍ଦିର ଓ ଜାତିର ଠାକୁର ଜଗତରନାଥ ଜଗନ୍ନାଥ ମନ୍ଦିର । ଓଡିଆ ସାଧବ ପୁଅମାନେ ନୌବାଣିଜ୍ୟ କରି ବିଦେଶରୁ ଅକଳନ୍ତି ଧନ ଓ ସମ୍ପତି ଆଣି ଉତ୍କଳ ବା କଳିଙ୍ଗକୁ ସମୃଦ୍ଧଶୀଳ କରିଥିଲେ । କଳିଙ୍ଗ ବା ଉତ୍କଳର କୀର୍ତିରାଜି ସାରା ପୃଥିବୀରେ ପରିବ୍ୟାପ୍ତ ହେବାକୁ ଲାଗିଲା । ରତ୍ନଗର୍ଭା ଉତ୍କଳ ମାତା କୋଳରେ ଯାବୁଡି ଧରି ରଖିଥିବା ଜଙ୍ଗଲ ସମ୍ପଦ, ଜଳ ସମ୍ପଦ, ଖଣିଜ ସମ୍ପଦ, କୃଷି ଜାତ ସମ୍ପଦ ସହିତ ସାଧବ ପୁଅମାନଙ୍କ ବାଣିଜ୍ୟରୁ ଆସୁଥିବା ସଂପଦରୁ ଉତ୍କଳ ମାତା ପରିପୁର୍ଣ୍ଣ ଥିଲା । ଓଡିଆ ଜାତିର ଗୌରବୋଜ୍ଜ୍ୱଳ ପରିଚିତ ସାରାବିଶ୍ୱରେ ହେବାରେ ଲାଗିଲା । ବିଦେଶୀମାନଙ୍କ ଲୋଲୁପ ଦୃଷ୍ଟି ଏ ଜାତି ଉପରେ ପଡିଲା । ଠିକ ସେହି ସମୟରେ ଓଡିଆ ରାଜବଂସ ମଧ୍ୟରେ ଭୋଗବିଳାସ ଓ ଲାଳସାରୁ ବିବାଦ ହିଂସା ଓ ଗୁପ୍ତ ଷଡଯନ୍ତ୍ରମାନ ଲାଗିରହିଲା । ଏହି ସୁଯୋଗ ନେଇ ଷୋଡଷ ଶତାବ୍ଦୀ ସମୟରେ ବିଦେଶୀମାନେ ଯଥା ଆଫଗାନ, ମୋଗଲ, ମରହଟ୍ଟା ଓ ଇଂରେଜ ଦଖଲ କରି ପ୍ରାୟ ୨ଶହ ବର୍ଷରୁ ଅଧିକ କାଳ ଓଡିଆମାନଙ୍କୁ ଶୋଷଣ, କର୍ଷଣ ଓ ସ୍ୱେଚ୍ଛାଚାରିତା ମାତ୍ରାର ସୀମା ଲଙ୍ଘନ କଲା । ଶାସନ ଆଉ ପ୍ରଜାଭିମୁଖୀ ହୋଇ ରହିଲା ନାହିଁ । ସାଧାରଣ ଜନତା ପ୍ରଶାସନର ଅତ୍ୟାଚାରରେ ହୋଇ ଗଲେ ନିର୍ବାକ ଓ ମୁକ । ସମୟର କରାଳ ଗ୍ରାସରେ ଓଡିଆ ଜାତି ପେଷି ହୋଇଯାଉଥିବା ବେଳେ ଜଗନ୍ନାଥ ସଂସ୍କୃତି ଓ ଭାଗବତ ଟୁଙ୍ଗି ଦୀପ ଶୀଖା ପ୍ରାୟ ଆଲୋକର ରଶ୍ମୀ ଦେଖାଇ ବଂଚିବାର ରାହା ଯୁଟାଉଥାଏ । ଉନବିଂଶ ଶତାବ୍ଦୀରେ କିଛି ଜାତି ପ୍ରେମୀ, ଦେଶ ପ୍ରେମୀ, ସଂସ୍କୃତି ପ୍ରେମୀମାନଙ୍କ ଆନ୍ଦୋଳନ ଗଢି ଉଠିଲା ମଧୁସୂଦନ ଦାସଙ୍କ ନେତୃତ୍ୱରେ ୧୯୧୩ ମସିହାରେ ଉତ୍କଳ ସମ୍ମିଳନୀ ସ୍ୱତନ୍ତ୍ର ଓଡିଶା ପାଇଁ ବାରମ୍ବାର ଦାବି ହେବାରୁ ୧୯୩୬ ମସିହା ଏପ୍ରିଲ ୧ତାରିଖରେ ଓଡିଆ ଭାଷାଭାଷୀ ଲୋକମାନଙ୍କୁ ନେଇ ବଙ୍ଗ, ବିହାର ଓ ଆନ୍ଧ୍ରପ୍ରଦେଶକୁ ଅଲଗା କରି ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ହେଲା । ପଂଚଦଶ ଶତାବ୍ଦୀର ମାଟିର ମହାକବି ସାରଳା ଦାସ ହେଲେ ଓଡିଆ ଭାଷା ପ୍ରାଣ ପ୍ରତିଷ୍ଠାତା । ଏହା ପୂର୍ବରୁ ଯଦିଓ ତ୍ରୟୋଦଶ ଶତାବ୍ଦୀରେ ଗୋରେଖ ନାଥଙ୍କ ଶିଶୁ ବେଦକୁ କେହି କେହି ଓଡିଆ ଜାତିର ଆଦ୍ୟ ପରିଚୟ ଭାବେ ଗ୍ରହଣ କରନ୍ତି । ତଥାପି ସାରଳା ଦାସଙ୍କ ମହାଭାରତ, ଚଣ୍ଡିପୁରାଣ, ଆଦିଗ୍ରନ୍ଥ, ସେତେବେଳର ରାଜା କପିଳେନ୍ଦ୍ର ଦେବଙ୍କ ପ୍ରୋତ୍ସାହନ ଓ ସ୍ୱୀକୃତି ଫଳରେ ଓଡିଆର ଭାଷା ମର୍ଯ୍ୟଦା ଲାଭ କଲା । ଜାତି ଯେତେବେଳେ ତାର ଭାଷାର ପରିଚୟ ପାଇଲା ତାର ଶବ୍ଦ ଶାଣିତ ହୋଇ ଉଠିଲା । ପ୍ରତ୍ୟେକ ଜାତିର ମୂଳ ସଂକେତ ତାର ଭାଷା । ଭାଷାର ବିକାଶ ଘଟେ ରାଜା ବା ଶାସକଙ୍କ ପୃଷ୍ଟପୋଷକତା ଓ ଜନସାଧାରଣଙ୍କ ଶ୍ରଦ୍ଧା ଯୋଗୁଁ । ଯେତେବେଳେ ଶାସକଙ୍କ ଭାଷା ପ୍ରତି ଶ୍ରଦ୍ଧା ରହେନାହିଁ, ସେତେବେଳେ ରାଜା କର୍ମଚାରୀ ମାନେ ସେହି ଭାଷା ପ୍ରତି ଶ୍ରଦ୍ଧାଶୀଳ ହୁଅନ୍ତି ନାହିଁ । ଶାସକ ସମର୍ଥିତ ଭାଷାକୁ ଗୁରୁତ୍ୱ ଦେଇ କୃତ୍ୟ କୃତ୍ୟ ହୁଅନ୍ତି । ଗୋଲାମିତ୍ୱର ନିଦର୍ଶନ ହୋଇଯାଆନ୍ତି । ଓଡିଆ ଭାଷା ପ୍ରତି ତାହାହିଁ ଘଟିଲା । ଓଡିଆ ଜାତିର ପରାଧିନ ସମୟରେ ଆଫଗାନ, ମୋଗଲ, ମରହଟ୍ଟା ଓ ଇଂରେଜ ଶାସନ କାଳରେ ଓଡିଆ ଭାଷାର ଗୁରୁତ୍ୱକୁ ନଷ୍ଟ କରିଦିଆଗଲା । ଭାଷା ହେଉଛି ଭାବର ବାହକ । ଗୋଟିଏ ମହାଜାତିକୁ ଐକ୍ୟସୂତ୍ରରେ ବାନ୍ଧିରଖି ତାର ଆତ୍ମ ବିକାଶ ବୃଦ୍ଧିକରେ ଓ ପ୍ରେରଣା ଦିଏ । ସେହି ଭାଷାକୁ ନେଇ ଜାତିର ଜାତିୟତା ସଂଗଠିତ ହୁଏ ଓ ସ୍ୱଦେଶ ପ୍ରେମୀ ଦିପ୍ତିମନ୍ତ ହୋଇ ଉଠେ । ପରାଧିନ ସମୟରେ ଭାଷା, ସାହିତ୍ୟକୁ ଓଡିଆ ଜାତିର ମୁନି ଋଷି ଓ ସାଧୁ ସନ୍ଥମାନେ ବଂଚାଇ ରଖିଥିଲେ । ତନ୍ମଧ୍ୟରେ ଅଛନ୍ତି ପଂଚ ସଖା ଯୁଗର ବଳରାମ ଦାସ, ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ, ଅନନ୍ତ ଦାସ ଓ ଯଶୋବନ୍ତ ଦାସ । ଏତଦ୍ ବ୍ୟତିତ ସାଧୁ ସନ୍ଥଙ୍କ ମଧ୍ୟରେ ସନ୍ଥ ଅରକ୍ଷିତ ଦାସ, ଠାକୁର ଅଭିରାମ ପରମହଂସ, ସନ୍ଥ କବି ଭୀମ ଭୋଇ, ସାଲବେଗ, ବ୍ୟାସ କବି ଫକିର ମୋହନ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, କାନ୍ତ କବି ଲକ୍ଷ୍ମିକାନ୍ତ ମହାପାତ୍ର, ପଲ୍ଲୀ କବି ନନ୍ଦକିଶୋର ବଳ, ଅଭିମନ୍ୟୁ ସାମନ୍ତ ସିଂହାର, ସ୍ୱଭାବ କବି ଗଙ୍ଗାଧର ମେହେର, ଗୋଦାବରୀଶ ମିଶ୍ର, ମଧୁସୂଦନ ରାଓ, ଉତ୍କଳମଣି ଗୋପବନ୍ଧୁ ଦାସ, ଜାତୀୟ କବି ବୀରକିଶୋର, କବିବର ରାଧାନାଥ ରାୟ, ପାରଳା ରାଜା କୃଷ୍ଣ ଚନ୍ଦ୍ର ଗଜପତି, ମୟୁରଭଞ୍ଜ ରାଜା ରାମଚନ୍ଦ୍ର ଭଞ୍ଜଦେଓ ପ୍ରମୁଖ ଭାଷା ସାହିତ୍ୟକୁ ଉଜ୍ଜିବିତ କରି ରଖିଥିଲେ । ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଦେଶ ସ୍ୱାଧୀନ ହେଲା । ଆମେ ନିଜ ଦେଶକୁ ନିଜେ ଶାସନ କଲୁ, କିନ୍ତୁ ସ୍ୱାଧୀନତାର ୭୨ ବର୍ଷ ପରେ ମଧ୍ୟ ଆମେ ଗୋଲାମିତ୍ୱର ନିଦର୍ଶନ ଛାଡିପାରିଲୁନାହିଁ । ବିଦେଶୀ ଶାସନଗତ ବେଢ଼ୀ ମଧ୍ୟରେ ଛନ୍ଦି ହୋଇରହିଥିବା ଭାଷା ସାହିତ୍ୟ ଏ ପର୍ଯ୍ୟନ୍ତ ମୁକୁଳି ପାରି ନାହିଁ । ପ୍ରଚଳିତ ପାଠ୍ୟକ୍ରମ ରେ ପରିବ□ନ ଆବଶ୍ୟକ । ଓଡିଶାର ପ୍ରତ୍ୟେକ କାର୍ଯ୍ୟାଳୟ ଗୁଡିକରେ ଓଡିଆ ଲିପି ପ୍ରଚଳିତ ହେବା ଆବଶ୍ୟକ । କୋର୍ଟ କଚେରୀ ଗୁଡିକରେ ଓଡିଆ ଭାଷା ପ୍ରଚଳିତ ହେବା ଆବଶ୍ୟକ । ଓଡିଶା ସରକାରଙ୍କର ଏକ ମାତ୍ର ବିଭାଗ ରେଜିଷ୍ଟ୍ରିଖାନାରେ ଓଡିଆ ଲିପି ପ୍ରଚଳିତ ଅଛି । ଏବେ କଟକ ଉନ୍ନୟନ କର୍ତୃପକ୍ଷ ଓ ଭୁବନେଶ୍ୱର ଉନ୍ନୟନ କର୍ତୃପକ୍ଷ ସେମାନେ ଜମି ରେଜିଷ୍ଟ୍ରି ସମୟରେ ଇଂରେଜି ଭାଷା ବ୍ୟବହାର କରୁଥିବାର ଜଣା ଯାଇଛି । ଏହାକୁ ଘୋର ବିରୋଧ କରିବା ଆବଶ୍ୟକ । ରାଜ୍ୟର ସରକାରୀ କର୍ମଚାରୀ ମାନଙ୍କର ମାନସିକତାର ପରିବର୍ତନ ହେବା ଆବଶ୍ୟକ । ଆମେ ଓଡିଆ, ଆମ ଭାଷା ଓଡିଆ, ଆମେ ଓଡିଆ ଲେଖିବା, ଓଡିଆ ପଢିବା, ଓଡିଆ କହିବା, ମାତୃ ଭାଷାକୁ ଗୌରବାନ୍ୱିତ କରିବା । ସ୍ୱାଭିମାନର ଓଡିଶା ଗଠନ କରିବା

## ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା

◆ ବିପିନ ବିହାରୀ ରାଉତ




ଆଜି ଉତ୍କଳ ଦିବସ । ଏକ ଜାତି, ରାଜ୍ୟ ସର୍ବୋପରି ଆମ ସମସ୍ତଙ୍କ ପାଇଁ ସ୍ୱାଭିମାନ, ଆତ୍ମ ସମ୍ମାନ, ଆତ୍ମ ମନ୍ଥନ, ଆତ୍ମ ଚିନ୍ତନର ଦିନଟି । ୧୯୩୬ ଏପ୍ରିଲ ୧ ତାରିଖ ଦିନ ଭାଷାଭିତିରେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପାଇଲା । ଅନେକଙ୍କ ଧାରଣା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସଂପର୍କରେ ସର୍ବପ୍ରଥମେ ଉତ୍କଳ ଗୌରବ ମଧୁସୂଦନ ଦାସ ଚିନ୍ତା କରିଥିଲେ । ବାସ୍ତବ କଥା ହେଉଛି ପଣ୍ଡିତ ନୀଳକଣ୍ଠ ଦାସ ଓଡ଼ିଆ ଭାଷାଭାଷୀ ଅଂଚଳକୁ ନେଇ ସ୍ୱତନ୍ତ୍ର ପ୍ରଦେଶ ଗଠନ ସଂପର୍କରେ ପ୍ରଥମେ ଦାବି ଉପସ୍ଥାପନ କରିଥିଲେ । ୧୯୨୭ ଫେବୃୟାରୀ ୮ ତାରିଖ ଦିନ ପଣ୍ଡିତ ନୀଳକଣ୍ଠ ପ୍ରସ୍ତାବ ଆକାରରେ ଏହି ଦାବି ପେସ୍ କରିଥିଲେ । ଅନେକ ଦିନ ନିଜ ପ୍ରସ୍ତାବ ଉପରେ ଅନୁଧ୍ୟାନ କରିବା ସହିତ ସେ ତତ୍କାଳୀନ ବ୍ୟବସ୍ଥାସଭା ଏବଂ ବିଭିନ୍ନ ଫୋରମ୍‌ରେ ସ୍ୱଭାବ ସୁଲଭ ଢ଼ଙ୍ଗରେ ଅକାଟ୍ୟ ଯୁକ୍ତି ଉପସ୍ଥାପନ କଲେ । ପରବର୍ଷ ୭ଜଣ ବ୍ରିଟିଶ ସାଂସଦକୁ ନେଇ ଗଠିତ ଭାରତୀୟ ସାମ୍ବିଧାନିକ ଆୟୋଗ ଭାରତ ଗସ୍ତରେ ଆସିଥିଲେ । ଏହି ଆୟୋଗର ଅଧ୍ୟକ୍ଷ ଥିଲେ ସାର୍ ଜନ୍ ସାଇମନ୍ । ତାଙ୍କ ନାମାନୁସାରେ ଏହାକୁ ସାଇମନ କମିଶନ କୁହାଯାଏ । ସାଇମନ କମିଶନରେ ବ୍ରିଟେନର ଭାବି ପ୍ରଧାନମନ୍ତ୍ରୀ କ୍ଲିନେଟ୍ ଆଟଲୀ ମଧ୍ୟ ସଦସ୍ୟ ଥିଲେ । ଭାରତରେ ଶାସନ ସଂସ୍କାର ଅନୁଧ୍ୟାନ କରିବା ପାଇଁ ୧୯୨୭ ନଭେମ୍ବରରେ ବ୍ରିଟିଶ ସରକାର ସାଇମନ କମିଶନ ଗଠନ କରିଥିଲେ । ୧୯୨୮ ଫେବୃଆରୀ ୩ରେ କମିଶନ ବମ୍ବେରେ ପହଂଚ଼ିବା କ୍ଷଣି ଆରମ୍ଭ ହୋଇଥିଲା ବିକ୍ଷୋଭ । ଅବିଳମ୍ବେ ସାରା ଦେଶରେ ହରତାଳ ପାଳିତ ହେଲା । ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଘଟିଲା । ସାରା ଦେଶ ସାଇମନ କମିଶନକୁ ବିରୋଧ କରୁଥିବା ବେଳେ ମଧୁସୂଦନ ଦାସଙ୍କ ନିର୍ଦ୍ଦେଶକ କ୍ରମେ ଅଳ୍ପ କେତେକ ଓଡ଼ିଆ ପାଟନା ରେଳ ଷ୍ଟେସନରେ ସାଇମନ କମିଶନକୁ ସ୍ୱାଗତ କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଏକ ସ୍ମାରକ ପତ୍ର ଦେଇଥିଲେ । କମିଶନ ବ୍ରିଟେନ ଫେରିଯିବା ପରେ ୧୯୨୯ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପ୍ରସ୍ତାବ ଭାରତ ସରକାରଙ୍କ କ୍ୟାବିନେଟରେ ଆଲୋଚନା ପାଇଁ ଗୃହୀତ ହେଲା । ୧୯୩୧ରେ ଗଢାଗଲା ଓଡ଼ନେଲ କମିଟି । କମିଟିଙ୍କ ସମକ୍ଷରେ ପଣ୍ଡିତ ନୀଳକଣ୍ଠ ଗୋଟିଏ ଦୀର୍ଘ ସ୍ମାରକ ପତ୍ର ଉପସ୍ଥାପନ କରିଥିଲେ । ସେତେବେଳେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନକୁ ବିରୋଧ କରିଥିଲେ କଂଗ୍ରେସ ନେତା ଡକ୍ଟର ରାଜେନ୍ଦ୍ର ପ୍ରସାଦ ଯେ ଦେଶ ସ୍ୱାଧୀନ ହେବା ପରେ ରାଷ୍ଟ୍ରପତି ହୋଇଥିଲେ । ଓଡ଼ନେଲ କମିଟିଙ୍କ ରିପୋର୍ଟ ଭିତିରେ, ପୁରୀ, କଟକ, ଗଞ୍ଜାମ, ବାଲେଶ୍ୱର, ସମ୍ବଲପୁର ଓ କୋରାପୁଟ ଏହି ୬ଟି ଅଂଚଳକୁ ନେଇ ଓଡ଼ିଶା ପ୍ରଦେଶ ଗଠନ ହେବ ବୋଲି ତତ୍କାଳୀନ ଇଂରେଜ ସରକାର ନିଷ୍ପତି ନେଲେ । ବରଂ ସେହି ନିଷ୍ପତି ୧୯୩୬ ଏପ୍ରିଲ ୧ରେ କାର୍ଯ୍ୟକାରୀ ହେଲା । ରାଜ୍ୟର ପ୍ରଥମ ରାଜ୍ୟପାଳ ରୂପେ ଶପଥ ନେଲେ ସାର୍ ଅଷ୍ଟିନ୍ ହବାକ୍ । ଫଳତଃ ଓଡ଼ିଶାର ସ୍କୁଲ ମାନଙ୍କରେ ଓଡ଼ିଆ ଶିକ୍ଷକ ନିଯୁକ୍ତି ପାଇଲେ । ଶାସନ କ୍ଷେତ୍ରରେ ମଧ୍ୟ ଶିକ୍ଷିତ ଓଡ଼ିଆମାନଙ୍କୁ ନିଯୁକ୍ତି ମିଳିଲା । ବର୍ତମାନର ଓଡ଼ିଆ ମାନେ ହୁଏତ ବିଶ୍ୱାସ କରିବେ ନାହିଁ ଯେ ୧୯୨୦ ମସିହା ପର୍ଯ୍ୟନ୍ତ ଓଡ଼ିଶାର ହାଇସ୍କୁଲ ଗୁଡ଼ିକରେ ମୁଖ୍ୟତଃ ବଙ୍ଗୀୟ ଶିକ୍ଷକଙ୍କୁ ନିଯୁକ୍ତି ମିଳୁଥିଲା । କୋର୍ଟ କଚେରୀଗୁଡ଼ିକରେ ଓକିଲ ମାନଙ୍କ ମଧ୍ୟରୁ ଅଧିକାଂଶ ଥିଲେ ବଙ୍ଗାଳୀ । ସେତେବେଳେ ଓଡ଼ିଆମାନଙ୍କ ବିରୋଧରେ ଯେଉଁ ଚକ୍ରାନ୍ତ ଚାଲିଥିଲା ଡାକ୍ତର ରାଜେନ୍ଦ୍ର ପ୍ରସାଦ ଥିଲେ ତାହାର ପୁରୋଭାଗରେ । ହିନ୍ଦୀ ଭାଷୀମାନେ ସମ୍ବଲପୁରରେ ହିନ୍ଦୀ ଏବଂ ବଙ୍ଗୀୟମାନେ ଓଡ଼ିଶାର ଅବଶିଷ୍ଟ ଇଲାକାରେ ବଙ୍ଗଳା ପ୍ରଚଳନ ପାଇଁ ଷଡ଼ଯନ୍ତ୍ର କରିଥିଲେ । ଏମାନଙ୍କ ଚକ୍ରାନ୍ତକୁ ପଣ୍ଡ କରିଥିବା ପ୍ରାତଃ ସ୍ମରଣୀୟ ବ୍ୟକ୍ତିମାନଙ୍କ ମଧ୍ୟରେ ନୀଳକଣ୍ଠ ଦାସ, ମଧୁସୂଦନ ଦାସ, ଫକୀରମୋହନ ସେନାପତି, ଗୋପବନ୍ଧୁ ଦାସ, ଗଙ୍ଗାଧର ମେହେର, କୃଷ୍ଣଚନ୍ଦ୍ର ଗଜପତି, ବାସୁଦେବ ସୁଢ଼ଳ ଦେବ ପ୍ରମୁଖ ଅନ୍ୟତମ । ଏମାନେ ପ୍ରଗାଢ଼ ଉଦ୍ୟମ ଜାରି ରଖି ନଥିଲେ ହୁଏତ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ବିଳମ୍ବିତ ହୋଇଥାନ୍ତା ।

*ଶ୍ରୀବିହାର କଲୋନୀ, କଟକ
: ୯୪୩୭୬୬୬୪୫୩*

## ଏପ୍ରିଲ ପହିଲା : ବୋକା ଦିବସ ନୁହେଁ ସ୍ୱାଭିମାନର ଦିବସ

◆ ସୁମନ୍ତ କୁମାର ପଣ୍ଡା




ରୋମାନମାନେ ଏପ୍ରିଲର ନାମକରଣ କରିଥିଲେ । ଏହି ଶବ୍ଦ ମୂଳ ଲାଟିନ ଶବ୍ଦ 'ଏପ୍ରିରିରେ'ରୁ ଉତ୍ପନ୍ନ । ଏହାର ଅର୍ଥ ଫୁଟିବା ବା ଖୋଲିବା । ଏଣୁ ଏପ୍ରିଲ ଖୋଲିବା ମାସ । ମାର୍ଚ୍ଚ ମାସର କଢ଼ି ଗୁଡିକ ଏହି ମାସରେ ପ୍ରସ୍ଫୁଟିତ ହୋଇ ଥାଏ । ଜାତିକା ଜାତିକା ରଙ୍ଗୀନ ଫୁଲରେ ପ୍ରକୃତି ହସି ଉଠେ । ଶୀତରେ ଶୋଇ ରହିଥିବା ପଶୁପକ୍ଷୀମାନେ ଏପ୍ରିଲରେ ଚେଇଁ ଉଠନ୍ତି । ମନୁଷ୍ୟ ଜୀବନ ଆନନ୍ଦ ମୁଖର ହୋଇ ଉଠେ । ଚଢ଼େଇ ମାନେ ଅଣ୍ଡା ଦେବା ପାଇଁ ବସା ଖୋଜିଥାନ୍ତି । ହରିଣଛୁଆ ମାନେ ଫୁଙ୍କୁରୁଫୁଙ୍କୁରୁ ଡେଇଁ ଆନନ୍ଦ ମନରେ ନାଚିଥାନ୍ତି ଏଥି ସହିତ ପୁରୁଣା ଜାତି ଛାଡି ନୂଆ ଜାତି ଧାରଣ କରନ୍ତି ସାପମାନେ । ଋତୁରାଜ ବସନ୍ତର ବାହକ ଏପ୍ରିଲ ମାସ ସମଗ୍ର ବିଶ୍ୱପାଇଁ ଏକ ଆନନ୍ଦ ଉଲ୍ଲାସ ମଧ୍ୟରେ କର୍ମ ବଂ ଖେଳର ମାସ । ଏପରି ଏକ ଆନନ୍ଦଦାୟକ ମାସର ପ୍ରଥମ ଦିବସକୁ ବୋକା ଦିବସ ଭାବେ ପାଳନ କରିବା ଶିକ୍ଷିତ ଯୁବକ ମାନଙ୍କର ବୋକାମୀର ପରିଚୟ । ଭାରତୀୟ ସଂସ୍କୃତିରେ ଏହା ଏକ ସ୍ୱାଭିମାନର ବିଷୟ । ବିଶେଷ କରି ଓଡିଶାବାସୀଙ୍କ ପାଇଁ ଏହା ଏକ ମହତ୍ୱର ଦିନ । ଭାରତୀୟ ମାନେ ନିଜର ପରିଚୟ ଭୁଲି ଯାଇଛନ୍ତି । ନିଜର ମହାନ ସଂସ୍କୃତି ପରମ୍ପରା ଠାରୁ ଦୂରେଇ ଯାଉଛନ୍ତି । ଯେଉଁଥିପାଇଁ କି ସେମାନେ ଆମ ଦେଶକୁ ଗୋଲାମ କରି ରଖିଥିବା ବିଦେଶୀ ମାନଙ୍କ ସ୍ମୃତିକୁ ମନେ ପକାଇବା ପାଇଁ ସେମାନଙ୍କର ବିଚାରରେ ଅନୁପ୍ରାଣିତ ହୋଇ ସେମାନଙ୍କର ପର୍ବ ପାଳନ କରୁଛନ୍ତି କିନ୍ତୁ 'ଭାରତୀୟ ସଂସ୍କୃତି ଓ ପରମ୍ପରା' ଆମ ରାଷ୍ଟ୍ରର ଗର୍ବ ଗୌରବ, ଶୌର୍ଯ୍ୟ ପରାକ୍ରମ, ତ୍ୟାଗ, ତପସ୍ୟା, ଅସଂଖ୍ୟ ଐତିହାସିକ ଘଟଣାବଳୀ ତଥା ସ୍ମୃତି ବହନ କରେ । ଦେଶ ସ୍ୱାଧୀନ ହୋଇ ଥିଲେ ମଧ୍ୟ ଇଂରେଜମାନଙ୍କ ଦ୍ୱାରା ଆମକୁ ଦିଆଯାଇଥିବା ଶିକ୍ଷା, ଆଦବକାଇଦା, ଚଳିଚଳନ, ପୋଷାକ ପରିଚ୍ଛଦ ଏସବୁ ଆମେ ଛାଡିପାରିନାହୁଁ । ଭାରତ ବିଶ୍ୱରେ ପ୍ରାଚୀନତମ ରାଷ୍ଟ୍ର । ଭାରତର ବୈଦିକ ସଂସ୍କୃତି ତା'ର ମହନୀୟତା, ବିଶାଳତା ତଥା ଶ୍ରେଷ୍ଠତ୍ୱ ପାଇଁ ସାରା ସଂସାରରେ ସମ୍ମାନିତ । ଆମେ ବିଦେଶୀ ସଂସ୍କୃତିରେ ଅନୁପ୍ରାଣୀତ ହୋଇ ଜାନୁଆରୀ ପହିଲାକୁ ନବବର୍ଷ ରୂପେ ପାଳନ କରୁଥିବା ସମୟରେ ଏପ୍ରିଲ ୧କୁ ବୋକା ଦିବସ ରୂପେ ପାଳନ କରୁଛୁ । ଯାହାର ଇତିହାସ ଆମ ଭିତରୁ ଅଧିକାଂଶଙ୍କୁ ସଂପୂର୍ଣ୍ଣ ଅଜଣା । ପୁଣି ଆମ ରାଷ୍ଟ୍ର ଜୀବନ ପାଇଁ ସେଇ ଦିନର କୌଣସି ମହ□ ବା ପ୍ରେରଣା ନଥାଏ । ହିନ୍ଦୁଙ୍କର କାଳ ଗଣନା ମଧ୍ୟ ପୃଥିବୀର ସର୍ବପୁରାତନ ଓ ସର୍ବ ପୁରାତନ ବିଜ୍ଞାନ । ସେହି ଅନୁସାରେ ଏହା ଏକ ସ୍ୱାଭିମାନର ଦିବସ ଅଟେ । ଇଂରେଜ ମାନେ ଆମକୁ ବୋକା ବନାଇ ତାଙ୍କର ବିଚାର ଧାରା ଆମ ମୁଣ୍ଡରେ ଭର୍ତି କରିବା ପାଇଁ ଏହିଭଳି ଉପାୟ ଅବଲମ୍ବନ କରିଛନ୍ତି । ବିଶେଷକରି ଓଡିଶାର କୌଣସି ଲୋକ ଏପ୍ରିଲ ଫୁଲ ପାଳନ କରିବା ଉଚିତ ନୁହେଁ । ୧ ଏପ୍ରିଲକୁ ବୋକା ଦିବସ ଅପେକ୍ଷା ସ୍ୱାଭିମାନ ଦିବସ ଭାବେ ପାଳନ କଲେ ବହୁତ ଭଲ । ୧୯୩୬ ମସିହା ଏପ୍ରିଲ ୧ରେ ଓଡିଶା ସ୍ୱତନ୍ତ୍ର ପ୍ରଦେଶ ଭାବେ ଘୋଷିତ ହେଲା । ଯେଉଁଦିନ ଓଡିଶାର ସ୍ୱାଭିମାନ ପ୍ରତିଷ୍ଠା ହୋଇ ଓଡିଶା ଏକ ସ୍ୱତନ୍ତ୍ର ପ୍ରଦେଶ ଭାବେ ଗଠିତ ହେଲା ଏବଂ ଓଡିଆ ଏକ ସ୍ୱତନ୍ତ୍ର ଭାଷା ରୂପେ ପରିଗଣିତ ହେଲା ସେହିପରି ଏକ ପବିତ୍ର ଦିବସରେ କାହାକୁ ବୋକା ବନାଇବା ଠିକ୍ ହେବ ନାହିଁ । ନିଜ ମାଟି, ପାଣି, ପବନ, ଭାଷା, ସାହିତ୍ୟ, ସଂସ୍କୃତିକୁ ନିଜର ରକ୍ତର ସଂପର୍କ ଭଳି ଭଲ ନପାଇଲେ ଅନ୍ୟକୁ ଭଲ ପାଇ ହୁଏନା । ଆଜି କିନ୍ତୁ ସେଥିରେ କମ ହୋଇଯାଇଛି । ଆଜି ଅନେକ ବିଶ୍ୱମାନବିକତା ହାସଲ ପାଇଁ ନିଜ ଧର୍ମ, ସଂସ୍କୃତି ଓ ମାତୃଭାଷାକୁ ପଦାନତ କରି ଅନ୍ୟର ବିଚାର ପଛରେ ଧାଇଁଛି । ଯେଉଁ ଜାତିର ମାତୃଭାଷା ଯେତେ ସମୃଦ୍ଧ ସେହି ଜାତି ସେତେ ପ୍ରସିଦ୍ଧ ଲାଭ କରିଛି । ନିଜର ସ୍ୱାଧୀନତାକୁ ହରାଇ ବସିଥିଲା ୧୫୬୮ ମସିହାରେ ଉତ୍କଳ ଜନନୀ । ସ୍ୱାଧୀନ ଓଡିଶାର ପାଇକ ବାହିନୀ ବିଶ୍ୱାସ ଘାତକତା ଓ ସ୍ୱାର୍ଥାନ୍ଧ ଗୃହ ଶତ୍ରୁ ମାନଙ୍କର ଚକ୍ରାନ୍ତ ଯୋଗୁଁ ପରପଦାନ୍ତ ହୋଇଗଲେ । ଏହାପରେ ଓଡିଶା ଭୂଖଣ୍ଡରେ ଆରମ୍ଭ ହେଲା କଳୁଷିତ ଶାସନ ଆଫଗାନ ମୋଗଲ ଏବଂ ମରହଟ୍ଟା ଅପଶକ୍ତିର ଉପଦ୍ରବ । ବିଦେଶୀ ଫିରିଙ୍ଗି ସରକାର ୧୮.୦୩ ମସିହାରେ ଏଭଳି ଅସ୍ଥିର ଅବସ୍ଥାର ଫାଇଦା ଉଠାଇ ଅକ୍ତିଆର କରିନେଲା ଓଡିଶାକୁ । ବିଦେଶୀ ଶାସକମାନଙ୍କ ସମୟରେ ସଙ୍କୁଚିତ ହୋଇ ପଡିଲା ଉତ୍କଳ ପ୍ରଦେଶର ପରିସୀମା । ଓଡେନେଲ କମିଟିଙ୍କ ସୁପାରିଶ ଅନୁସାରେ ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ପୁରୀ, କଟକ, ବାଲେଶ୍ୱର, ଗଞ୍ଜାମ ଓ ସମ୍ବଲପୁର ଜିଲ୍ଲାକୁ ନେଇ ଗଠିତ ହେଲା ସ୍ୱତନ୍ତ୍ର ଓଡିଶା ପ୍ରଦେଶ । ପୁଣି ୧୯୪୭ ମସିହା ଡିସେମ୍ବର ୧୪ ତାରିଖରେ ତତ୍କାଳୀନ ଉପପ୍ରଧାନମନ୍ତ୍ରୀ ତଥା ଗୃହମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ନେତୃତ୍ୱରେ ୧୧ ବର୍ଷ ପରେ କଟକଠାରେ ଗଡଜାତ ମିଶ୍ରଣ ଚୁକ୍ତି ସ୍ୱାକ୍ଷରିତ ହେବା ପରେ ଓଡିଶାର ସୀମା ବୃଦ୍ଧି ପାଇଲା । ସ୍ୱାଧୀନତାର ୬୧ ବର୍ଷ ପରେ ମଧ୍ୟ ଖଣ୍ଡ ବିଖଣ୍ଡିତ ଓଡିଆ ଭାଷା ଭାଷୀ ଅ□ଳରେ ବିକଳ ଚିତ୍ର ଏବେ ମଧ୍ୟ ରହିଛି । କିଛି କିମ୍ବଦନ୍ତୀ ଅନୁସାରେ ଏପ୍ରିଲ ମାସରେ ନଦୀ ପୁଷ୍କରିଣୀର ଜଳ କମିଯାଇ ଗୋଳିଆ ହୋଇ ଯାଏ । ଏହି ସମୟରେ ଗୋଳିଆ ପାଣିରୁ ମାଛ ଗୁଡିକୁ ଧରିବା ପାଇଁ ସହଜ ହୋଇଥାଏ । ଏଣୁ ସହଜରେ ମାଛମାନେ ଧରାପଡିଲା ପରି ଏପ୍ରିଲ ଫୁଲ କାରଣରୁ କିଛି ଲୋକ ସହଜରେ ଥଟ୍ଟା ପରିହାସ ଦ୍ୱାରା ବୋକା ହୋଇ ଯାଉଥିବାରୁ ସେମାନଙ୍କୁ ଏପ୍ରିଲ ଫୁଲ କୁହାଯାଏ । ନେପୋଲିୟନ ବୋନାପାର୍ଟ ଏପ୍ରିଲ ମାସର ୧ ତାରିଖରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିବାରୁ ତାଙ୍କୁ ଏପ୍ରିଲ ମାଛ ବୋଲି କୁହାଯାଏ । ଏହି ସମୟରେ ମାତୃତ୍ୱର ବେଦନା ହରାଇ କୋଇଲି ଅନ୍ୟବସାରେ ଅଣ୍ଡା ଦେଇଥିବାରୁ କୋଇଲିକୁ ମଧ୍ୟ ଏପ୍ରିଲ ଫୁଲ କୁହାଯାଏ । ସ୍କଟଲାଣ୍ଡରେ ଏପ୍ରିଲ ୧ରେ କୋଇଲିକୁ ଶିକାର କରିବା ଏକ ମଉଜିଆ ଖେଳ । ସ୍କଟଲାଣ୍ଡରେ କୋଇଲି ଶିକାର କରି କୁକୁଡାମାନଙ୍କ ଦାନ୍ତ ଶିକାର ଓ ବର୍ଗାକାର ବୃତ□ ଖୋଜିବା ମଧ୍ୟ ଗୋଟିଏ ବୋକାମୀ । ଏହି ବୋକାମୀରେ ଠକି ହୋଇ ଯାଉଥିବା ଲୋକଙ୍କୁ ସେମାନେ ଏପ୍ରିଲ କୋଇଲି କୁହନ୍ତି । ତାହାର ଅନୁକରଣରେ ଆଜି ନିଜକୁ ସଭ୍ୟ ଶିକ୍ଷିତ ବୋଲାଉ ଥିବା ଯୁବକ ଯୁବତୀମାନେ ଲୋକଙ୍କୁ ବୋକା ବନାଇ ଆନନ୍ଦ ଉପଭୋଗ କରନ୍ତି । ଏଣୁ ଏ ଦିନ ଫରାସୀ ଲୋକେ କୌଣସି ଗୁରୁତ୍ୱପୂର୍ଣ୍ଣ କାମ କରନ୍ତି ନାହିଁ । ଏପ୍ରିଲ ଫଲ ସଂପର୍କରେ କିଛି କଥା ଆମେ ଜାଣିବାକୁ ପାଇଲେ ମଧ୍ୟ ବ୍ୟଥା ବଡ ଗମ୍ଭୀର । ଏହାକୁ ଆଜି ବଝିବା ଏବଂ ଅନୁଭବ କରିବାର ବେଳ ଆସି ଯାଇଛି । ବେଳହୁଁ ସାବଧାନ ନହେଲେ ପରିଣାମ ଭୟାବହ ହେବ । ଆଜି ଆମକୁ ଭଲ ଲାଗୁଥିଲେ ମଧ୍ୟ ଭାବି ବଂଶଧର ମାନଙ୍କ ପାଇଁ ଏହା କ□ ହୋଇଯିବ । ଆଜି ସେହି ସମୟ ଆସିଯାଇଛି । ପୁଣି ଆସିଛି ଆମ ଜନ୍ମଭୂମି ଓଡିଶା ପ୍ରଦେଶରେ ୭୪ତମ ଜୟନ୍ତୀ । ଏପ୍ରିଲ ଫୁଲ ପରିବର୍ତେ ଆମେ ପାଳନ କରିବା ଉତ୍କଳ ଦିବସ । ସମସ୍ତଙ୍କୁ ପରିଚିତ କରାଇ ଦେବା ଆମ ମାତୃଭାଷା, ସଂସ୍କୃତି ଓ ସ୍ୱାଭିମାନର ମହ□ ଦେଶ, ଧର୍ମ, ସଂସ୍କୃତି, ପରମ୍ପରା, ଐତିହ୍ୟ ଓ ଜାତିର ମର୍ଯ୍ୟାଦା ରକ୍ଷା ପାଇଁ ତ ଚାଲିଥାଏ ସଂଗ୍ରାମ, ଏହି ମହାସଂଗ୍ରାମର ସମୟ ଚକ୍ରବ୍ୟୁହରେ ବଳି ପଡନ୍ତି କେତେ ଯେ ବୀର ପୁରୁଷ । ଘଟଣାଚକ୍ରରେ ବହୁବର୍ଷ ପରେ ଯେଉଁ ଦିନ ଆମେ ଆମ ଅସ୍ମିତା ରାଷ୍ଟ୍ର ଏବଂ ଆନ୍ତର୍ଜାତିକ ସ୍ୱୀକୃତି ଫେରି ପାଇଲୁ ସେହି ଦିନ ଆମ ପାଇଁ ସ୍ୱାଭିମାନର ଦିବସ । ଯେଉଁ ବରପୁତ୍ରମାନଙ୍କ ତ୍ୟାଗ ଯୋଗୁଁ ଓଡିଶା ପ୍ରଦେଶ ଓ ସମୃଦ୍ଧ ଓଡିଶା ସମ୍ଭବପର ହୋଇ ପାରିଛି ଆସନ୍ତୁ ଆଜି ସେମାନଙ୍କୁ ସ୍ମରଣ କରିବା । ଉତ୍କଳ ଦିବସର ମହତ୍ୱକୁ ଭଲ ଭାବରେ ବୁଝି ଉତ୍କଳ ଜନନୀର ସନ୍ତାନ ଭାବେ ଗର୍ବ ଅନୁଭବ କରିବା

*ସଂପାଦକ-ଭିସାକିଓ, ପ୍ଲଟନମ୍ବର-୪, ବୁଦ୍ଧେଶ୍ୱରୀ କଲୋନୀ, ଭୁବନେଶ୍ୱର*

# ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ଉପସ୍ଥିତିରେ ପାରାଦ୍ୱୀପ ବିଜେପିର ମହା ମିଶ୍ରଣ ପର୍ବ



ପାରାଦୀପ(ନିପ୍ର): ଭାରତୀୟ ଜନତା ପାର୍ଟି (ବିଜେପି) ପାରାଦୀପ ମଣ୍ଡଳ ପକ୍ଷରୁ ଗତ ରବିବାର ଦିନ ୧୧ ନମ୍ବର ୱାର୍ଡ ଅନ୍ତର୍ଗତ ଗୋପାଳଜୀଉ କଲୋନୀ ଠାରେ ଏକ ମହା ମିଶ୍ରଣ ପର୍ବ ଓ କର୍ମୀ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଏହି ମିଶ୍ରଣ ପର୍ବରେ ପାରାଦୀପ ବିଧାୟକ ତଥା ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିଲେ । ଜନ ସାଧାରଣ, ଦଳୀୟ କର୍ମକର୍ତା ଉତ୍ସାହ ସହିତ ଏକ ବିରାଟ ଶୋଭାଯାତ୍ରା ମାଧ୍ୟମରେ ସ୍ଥାନୀୟ ଶ୍ରମିକ ଭବନରୁ ଗୋପାଳଜୀଉ କଲୋନୀ ପର୍ଯ୍ୟନ୍ତ ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କୁ ପାଛୋଟି ଆଣିଥିଲେ । ଭାରତୀୟ ଜନତା ପାର୍ଟିର ନୀତି ଆଦର୍ଶ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ବଳିଷ୍ଠ ନେତୃତ୍ୱ ଓ ଦକ୍ଷ କାର୍ଯ୍ୟଶୈଳୀ, ଲୋକଙ୍କ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କାର୍ଯ୍ୟଦକ୍ଷତା, ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ୧୧ ନମ୍ବର ୱାର୍ଡ ଗୋପାଳଜୀଉ କଲୋନୀର ଶତାଧିକ କାର୍ଯ୍ୟକର୍ତା ନିଜର ସମର୍ଥକଙ୍କ ସହିତ ବିଜେଡି ଓ କଂଗ୍ରେସ ଦଳ ପରିତ୍ୟାଗ କରି ବିଧିବଦ୍ଧ ଭାବେ ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଥିଲେ । ଏହି ମିଶ୍ରଣ ପର୍ବ, ରାଜ୍ୟରେ ବିଜେପି ପ୍ରତି ଜନସାଧାରଣଙ୍କ ଆସ୍ଥା, ବିଶ୍ୱାସ ଓ ଭରସା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ବୃଦ୍ଧି ପାଇବାରେ ଲାଗିଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ମନ୍ତ୍ରୀ ଶ୍ରୀ ସ୍ୱାଇଁ ସମସ୍ତଙ୍କୁ ଦଳୀୟ ଉତରୀୟ, ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିବା ସହ ସମସ୍ତ ନୂତନ ସଦସ୍ୟଙ୍କୁ କୃତଜ୍ଞତା ଜଣାଇଲେ । ସେମାନଙ୍କ ଯୋଗଦାନ ତୃଣମୂଳସ୍ତରରେ ଦଳର ସଂଗଠନକୁ ଆହୁରି ମଜବୁତ କରିବ । ନୂତନ କରି ଦଳରେ ସାମିଲ ହୋଇଥିବା ସମସ୍ତ କାର୍ଯ୍ୟକର୍ତାଙ୍କୁ ବିଜେପି ପରିବାରକୁ ସ୍ୱାଗତ କରାଯାଇଥିଲା । ଶେଷରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ମିଶ୍ରଣ ପର୍ବ ଦ୍ୱାରା ନିର୍ଶ୍ଚିତ ଭାବେ ଦଳ ତୃଣମୂଳ ସ୍ତରରେ ଶକ୍ତିଶାଳୀ ହେବା ସହିତ ସମସ୍ତେ ଏକ ହୋଇ ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀକୁ ସର୍ବାଙ୍ଗୀନ ବିକାଶ ଦିଗରେ ଆଗକୁ ନେବା ନିମନ୍ତେ କାର୍ଯ୍ୟ କରିବା, ସରକାରଙ୍କର ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଏବଂ ସମାଜର ଶେଷ ଭାଗରେ ବାସ କରୁଥିବା ଲୋକର ବିକାଶ ନିମନ୍ତେ ସରକାର ସବୁବେଳେ ପ୍ରଚେଷ୍ଟା ଜାରି ରଖିବା, ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀରେ ଚାଲୁ ରହିଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ମତ ରଖିଥିଲେ । ସେବା, ସୁଶାସନ ଓ ଗରିବ କଲ୍ୟାଣ ନିମନ୍ତେ ଡବଲ ଇଞ୍ଜିନ ସରକାର ସବୁବେଳେ ସମର୍ପିତ । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ମାର୍ଗଦର୍ଶନ ଏବଂ ଲୋକଙ୍କ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଲୋକଙ୍କ ସରକାର "ସବକା ସାଥ, ସବକା ବିକାଶ" ମନ୍ତ୍ରକୁ ପାଥେୟ କରି ଗତ ଏକ ବର୍ଷ ମଧ୍ୟରେ କୃଷକ, ମହିଳା, ଜନଜାତି, ଯୁବଶକ୍ତି, ଭିନ୍ନକ୍ଷମ, ଗରିବ, ପଛୁଆବର୍ଗ, ଦଳିତ ଆଦି ସମସ୍ତ ବର୍ଗର ଜନସାଧାରଣଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟ କରିବା ସହ ଓଡ଼ିଆ ଅସ୍ମିତାର ସୁରକ୍ଷା କରିପାରିଛନ୍ତି କ୍ଷ ଗତ ଏକ ବର୍ଷ ମଧ୍ୟରେ ଓଡ଼ିଶା ସେବା, ସୁଶାସନ ଓ ବିକାଶ କ୍ଷେତ୍ରରେ ଏକ ନୂଆ ମାନଦଣ୍ଡ ସ୍ଥାପନ କରିଛି । ରାଜ୍ୟବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ଗୁଡ଼ିକୁ ବାସ୍ତବତାରେ ପରିଣତ ହୋଇପାରିଛି କ୍ଷ ୨୦୩୬ ମସିହା ସୁଦ୍ଧା ଓଡିଶାକୁ ଏକ ସମୃଦ୍ଧ ରାଜ୍ୟରେ ପରିଣତ କରିବା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ କରିବା ପାଇଁ ଲୋକ ଙ୍କ ସରକାର ଦୃଢ ସଂକଳ୍ପ ନେଇଛନ୍ତି କ୍ଷ ଏହି ମିଶ୍ରଣ ପର୍ବରେ ଶତାଧିକ ଲୋକଙ୍କ ସହିତ ଜନ ପ୍ରତିନିଧି, ସମାଜ ସେବୀ, ଯୁବ ବର୍ଗ, ମହିଳା, ବୃଦ୍ଧିଜୀବିମାନେ ଉପସ୍ଥିତ ଥିଲେ । ଏହି ମିଶ୍ରଣ ପର୍ବରେ ବିଜେପି ପାରାଦୀପ ନଗର ସଭାପତି ତଥା ପାରିଷଦ ସୁବ୍ରତ ପ୍ରଧାନ,ମନ୍ତ୍ରୀଙ୍କ ସ୍ଥାନୀୟ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂ,ବିଜେପି ନେତା ତପନ କୁମାର ତ୍ରିପାଠୀ, ରଞ୍ଜନ ବେହେରା, ବଜରଙ୍ଗ ପ୍ରସାଦ ସ୍ୱାଇଁ, ଦିଲ୍ଲୀପ କିଶୋର ବେହେରା, ଦିଲ୍ଲୀପ ବଳିୟାରସିଂ, ଅର୍ଜିଲ ଶିବା, ଜିତେନ୍ଦ୍ର ସାହୁ, ସର୍ବେଶ୍ୱର ଜେନା, ପ୍ରୀତିରେଖା ନାୟକ, ସଂଯୁକ୍ତା ବରାଳ, ମମତା ସ୍ୱାଇଁ, ବିଷ୍ଣୁପ୍ରିୟା ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ ।

# ପଂଚାୟତିରାଜ ବିଭାଗର ଅର୍ଥ ପରାମର୍ଶଦାତାଙ୍କ ଅବସର

ଭୁବନେଶ୍ୱର: ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର ଅର୍ଥ ପରାମର୍ଶଦାତା ତଥା ସ୍ୱତନ୍ତ୍ର ଶାସନ ସଚିବ ମନୁ ନାଥ ସେଠୀ ମଙ୍ଗଳବାର ସରକାରୀ ସେବାରୁ ଅବସର ଗ୍ରହଣ କରିଛନ୍ତି । ଦୀର୍ଘ ୩୫ ବର୍ଷର ନିଷ୍ଠାପର ସେବା ପରେ ସେ ଆଜି ଚାକିରୀ ନିମନ୍ତେ ଧାର୍ଯ୍ୟ ବୟସର ସୀମା ଅତିକ୍ରମ କରି ଅବସର ନେଇଛନ୍ତି । ୧୯୯୧ ମସିହାରେ ସରକାରୀ ସେବାରେ ବରିଷ୍ଠ ଅର୍ଥନୈତିକ ଅନୁସନ୍ଧାନକାରୀ ଭାବରେ ଯୋଜନା ଓ ସଂଯୋଜନ ବିଭାଗରେ ଯୋଗ ଦେଇଥିବା ଶ୍ରୀ ସେଠୀ ନିଜର କର୍ମମୟ ଜୀବନ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ କାର୍ଯ୍ୟ କରିଛନ୍ତି । ସେ ଅତିରିକ୍ତ ବାଣିଜ୍ୟ କର ଅଧିକାରୀ, ଜିଲ୍ଲା କୋଷାଗାର ଅଧିକାରୀ, ବାଣିଜ୍ୟ କର ବିଭାଗର ଡେପୁଟି କମିଶନର, ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅର୍ଥ ନିୟନ୍ତ୍ରକ ଏବଂ ବାଣିଜ୍ୟ କର ଏବଂ ପଣ୍ୟ ଓ ସେବା କର ବିଭାଗ ବିଭାଗର ଅତିରିକ୍ତ କମିଶନର ଭାବେ ଦକ୍ଷତାର ସହ କାର୍ଯ୍ୟ ସମ୍ପାଦନ କରିଛନ୍ତି । ଶେଷରେ ସେ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗରେ ଅର୍ଥ ପରାମର୍ଶଦାତା ତଥା ସ୍ୱତନ୍ତ୍ର ସଚିବ ଭାବେ ନିଜର ଦାୟିତ୍ୱ ତୁଲାଇଥିଲେ । ସେ ଜଣେ ମିଷ୍ଟଭାସୀ ଓ ଉଦାର ସ୍ୱଭାବର ବ୍ୟକ୍ତିତ୍ୱ । ତାଙ୍କର ସରଳ ଓ ନିଷ୍କପଟ ବ୍ୟବହର ଦ୍ୱାରା ସେ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କର ଶ୍ରଦ୍ଧାଭାଜନ ହୋଇପାରିଥିଲେ । ତାଙ୍କର ଏହି ଦୀର୍ଘ ଏବଂ ସଫଳ କାର୍ଯ୍ୟକାଳ ପାଇଁ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି । ଆଜିର ଏହି ଅବସର ଦିନରେ ସହକର୍ମୀ ମାନେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ତାଙ୍କର ସୁସ୍ଥ,ନିରାମୟ ଓ ଦୀର୍ଘ ଜୀବନର କାମନା କରିଛନ୍ତି ।

# ତ୍ରୟମାସିକ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟକ୍ରମ

ଜଗତସିଂହପୁର(ନିପ୍ର): ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଏପ୍ରିଲ-୨୦୨୬ ଠାରୁ ଜୁନ୍-୨୦୨୬ ମାସ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ବ୍ଲକ୍ କାର୍ଯ୍ୟାଳୟ ଓ ଜିଲ୍ଲା କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେବ । ଏପ୍ରିଲ ମାସ ୬ ତାରିଖ ଦିନ ନାଉଗାଁ ବ୍ଲକ କାର୍ଯ୍ୟାଳୟ, ଏପ୍ରିଲ ୧୩ ତାରିଖ ଦିନ ବାଲିକୁଦା ବ୍ଲକ୍ କାର୍ଯ୍ୟାଳୟ, ଏପ୍ରିଲ ୨୦ ତାରିଖ ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଏପ୍ରିଲ ୨୭ ତାରିଖ ଦିନ ଏରସମା ବ୍ଲକ୍ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ । ସେହିପରି ମେ ମାସ ୪ ତାରିଖ ଦିନ ରଘୁନାଥପୁର ବ୍ଲକ୍ କାର୍ଯ୍ୟାଳୟ, ମେ ୧୧ ତାରିଖ ଦିନ ତିର୍ତୋଲ ବ୍ଲକ୍ କାର୍ଯ୍ୟାଳୟ, ମେ ୧୮ ତାରିଖ ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ମେ ୨୫ ତାରିଖ ଦିନ କୁଜଙ୍ଗ ବ୍ଲକ୍ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ । ସେହିପରି ଜୁନ୍ ମାସ ୧ ତାରିଖ ଦିନ ବିରିଡ଼ି ବ୍ଲକ୍ କାର୍ଯ୍ୟାଳୟ, ଜୁନ୍ ୮ ତାରିଖ ଦିନ ନାଉଗାଁ ବ୍ଲକ୍ କାର୍ଯ୍ୟାଳୟ, ଜୁନ୍ ୧୬ ତାରିଖ ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଜୁନ୍ ୨୨ ତାରିଖ ଦିନ ବାଲିକୁଦା ବ୍ଲକ୍ କାର୍ଯ୍ୟାଳୟ ଓ ଜୁନ୍ ୨୯ ତାରିଖ ଦିନ ଏରସମା ବ୍ଲକ୍ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ । ଏହିସବୁ ଶିବିରରେ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ- ତଥା-ନିର୍ବାହୀ ଅଧିକାରୀ, ଉପ-ଜିଲ୍ଲାପାଳ, ଜିଲ୍ଲାସ୍ତରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କର ବିଭିନ୍ନ ଆପତି ଅଭିଯୋଗର ଶୁଣାଣି କରିବେ । ପ୍ରକାଶ ଥାଉ କି, ୧୩ ଏପ୍ରିଲ୍ ୨୦୨୬ ରୁ ୮ ଜୁନ୍ ୨୦୨୬ ପର୍ଯ୍ୟନ୍ତ ହେବାକୁ ଥିବା ଜନଶୁଣାଣୀ ସକାଳ ୭ ଘଟିକା ରୁ ସକାଳ ୧୦ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଜିଲ୍ଲାର ଜନସାଧାରଣ ବହୁ ସଂଖ୍ୟାରେ ଯୋଗ ଦେବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଉଅଛି ।

# ବରିଷ୍ଠ ଶିକ୍ଷକ ଦୟାଲ ବୈରାଗୀଙ୍କର ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ



ମାଲକାନଗିରି(ନିପ୍ର): ଏମ.ପି.ଭି ୭୩ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ର ବରିଷ୍ଠ ଶିକ୍ଷକ ଦୟାଲ ବୈରାଗୀଙ୍କର ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରକାଶ ଥାଉକି ଦୟାଲ ବୈରାଗୀ ୧,୨,୧୯୮୮ ମସିହାରେ ଚାକିରୀ ଜୀବନ ଆରମ୍ଭ କରି ୩୧,୩,୨୦୨୬ରେ ଅବସର ଗ୍ରହଣ କରିଛନ୍ତି । ତାଙ୍କର ଅବସରରେ ବିଦ୍ୟାଳୟ ର ଛାତ୍ରଛାତ୍ରୀ, ଅଭିଭାବକ, ବିଭିନ୍ନ ବିଦ୍ୟାଳୟରୁ ଶିକ୍ଷକ ବୃନ୍ଦ , ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଉପସ୍ଥିତ ଥିଲେ । ସେ ଜଣେ ଛାତ୍ର ବତ୍ସଳ ଶିକ୍ଷକ ଥିବାରୁ ସମସ୍ତଙ୍କ ପ୍ରିୟପାତ୍ର ଥିଲେ । ବିଦାୟ ସମ୍ବର୍ଦ୍ଧନା ସଭାରେ ଏମ ପି ଭି ୭୩ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ମନୋରଞ୍ଜନ ଦେ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ପରିଚାଳନା କମିଟି ସଭାପତି ସୁକୁମାର ମଣ୍ଡଳ, ମୁଖ୍ୟ ବକ୍ତା ପ୍ରଶାନ୍ତ ସର୍ଦ୍ଦାର ପ୍ରଧାନ ଶିକ୍ଷକ ଉଚ୍ଚ ପ୍ରାଥମିକ ବଦ୍ୟାଳୟ ଏମ ଭି ୮୮ । ଅନ୍ୟାନ୍ୟ ସମ୍ମାନୀୟ ଅତିଥି ସୁଜନ ବୈରାଗୀ ଗ୍ରାମ ସଭାପତି, ତପନ ଚୌକିଦାର ବଶିଷ୍ଠ ନାଗରିକ, ତପନ କୁମାର ବାଇନ ଅବସର ପ୍ରାପ୍ତ ଶିକ୍ଷକ, ଚିତରଞ୍ଜନବାଲା, କିଶୋର ଚନ୍ଦ୍ର ସାହୁ ଉଜଉଉ, ଶ୍ରୀବାସ ରାୟ, ପ୍ରଦୀପ କୁମାର ଦାସ ଶିକ୍ଷକ, ସୁରେଶ ମେହେଟା ଶିକ୍ଷକ ସଂଘ ସଭାପତି ପଡିଆ, ଶ୍ରୀଦିଲୀପ ଜେନା, ସଚିନ କୃଷ୍ଣ ସାନା, ଶିକ୍ଷୟତ୍ରୀ ସୁନୀତା ସରକାର, ଅମିତା ପ୍ରଧାନ, କୌଶଲ୍ୟା ନାୟକ ଓ ଅଂଚଳର ବିଭିନ୍ନ ବିଦ୍ୟାଳୟ ରୁ ଅନେକ ଶିକ୍ଷକ, ଶିକ୍ଷୟିତ୍ରୀ, ଗ୍ରାମବାସୀ ଓ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ । ସମସ୍ତେ ଦୟାଲ ବୈରାଗୀ ଆଗାମୀ ଜୀବନ କୁସୁମିତ ସହ ସୁ ସ୍ୱାସ୍ଥ୍ୟ ଓ ନିରୋଗ କାମନା କରିଥିଲେ । ଶେଷରେ ପ୍ରଧାନ ଶିକ୍ଷକ ଶ୍ରୀ ଦେ ସମସ୍ତଙ୍କୁ ଧନ୍ୟବାଦ୍ ଦେଇ ସଭା ସମାପ୍ତ କରିଥିଲେ ।

# ଜନଗଣନା-୨୦୨୭ ନିମନ୍ତେ ଜନଗଣନା କାରୀ ଏବଂ ନିରୀକ୍ଷକ ମାନଙ୍କ ଜିଲାସ୍ତରୀ ପ୍ରଶିକ୍ଷଣ

ଖୋର୍ଦ୍ଧା(ନିପ୍ର): ଆଗାମୀ ୨୦୨୭ ମସିହାରେ ଭାରତ ସରକାରଙ୍କ ପକ୍ଷରୁ ସମଗ୍ର ଦେଶରେ ଜନଗଣନା କାର୍ଯ୍ୟ ସମ୍ପାଦିତ ନିମନ୍ତେ କାର୍ଯ୍ୟ ଆରମ୍ଭ ହୋଇଯାଇଅଛି କ୍ଷ ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ତହସିଲ, ପୌର ପରିଷଦ, ବିଜ୍ଞାପିତ ଅଂଚଳ ପରିଷଦ ମାନଙ୍କରେ ତା ୨୩.୦୩.୨୦୨୬ ରିଖ ଠାରୁ ବୋଲଗଡ଼ ତହସିଲ ରେ ଗଣନା କାରୀ ଏବଂ ନିରୀକ୍ଷକ ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଜାଇଆସୁ ଥିବା ବେଳେ ଆସନ୍ତା ଏପ୍ରିଲ ୩ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ପିଚୁକୁଳି ଠାରେ ପ୍ରଦାନ କରାଯିବ । ସେହିପରି ବାଣପୁର ବିଜ୍ଞାପିତ ଅଂଚଳ ପରିଷଦ ସମ୍ମିଳନୀ କକ୍ଷରେ ଏପ୍ରିଲ ୨,୪ ଓ ୬ ତାରିଖ, ଟାଙ୍ଗୀ ବିଜ୍ଞାପିତ ଅଂଚଳ ପରିଷଦ ନିମନ୍ତେ ଟାଙ୍ଗୀ ବ୍ଲକ ସମ୍ମିଳନୀ କକ୍ଷରେଏପ୍ରିଲ ୬ ତାରିଖରୁ ୮ ତାରିଖ, ଜଟଣୀ ପୌରାଂଚଳ ନିମନ୍ତେ ଆସନ୍ତା କାଲି ତା ୩୧.୦୩.୨୦୨୬ ରିଖ ଓ ଏପ୍ରିଲ୨,୪,୬,୭,୮,୯ ତାରିଖ ସୁଶୀଳା ଦେବୀ ପ୍ରଗତି ବିଦ୍ୟାପୀଠ, ବଛରା, ବାଣପୁର ତହସିଲ ନିମନ୍ତେ ମାର୍ଚ୍ଚ ୩୧ ତାରିଖ, ଏପ୍ରିଲ୍ ୨,୪ ଓ ୬ ତାରିଖରେ ପି ଏମ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ବାଣପୁର, ବାଲିପାଟଣା ତହସିଲ ନିମନ୍ତେ ଏପ୍ରିଲ ୨ ରୁ ୧୦ ତାରିଖ ମଞ୍ଜରୀ ଦେବୀ ମହାବିଦ୍ୟାଳୟ ଠାରେ, ଟାଙ୍ଗୀ ତହସିଲ ନିମନ୍ତେ ମାର୍ଚ୍ଚ ୩୧ ତାରିଖ, ଏପ୍ରିଲ୍ ୧ ତାରିଖରୁ ୧୦ ତାରିଖ ବଳରାମ ବିଦ୍ୟାପୀଠ, ଟାଙ୍ଗୀ ଠାରେ, ଖୋର୍ଦ୍ଧା ପୌର ପରିଷଦ ନିମନ୍ତେ ମାର୍ଚ୍ଚ ୩୧ ତାରିଖ,ଏପ୍ରିଲ୍ ୨ ରୁ ୧୦ ତାରିଖ ଖୋର୍ଦ୍ଧା ପୌର ପରିଷଦ ସମ୍ମିଳନୀ କକ୍ଷରେ, ଭୁବନେଶ୍ୱର ତହସିଲ ନିମନ୍ତେ ମାର୍ଚ୍ଚ ୩୧ ତାରିଖ,ଏପ୍ରିଲ୍ ୨,୪,୬,୭,୮,୯, ୧୦ ତାରିଖରେ ଭୁବନେଶ୍ୱର ବ୍ଲକ୍ ସମ୍ମିଳନୀ କକ୍ଷରେ, ବେଗୁନିଆ ତହସିଲ ନିମନ୍ତେ ମାର୍ଚ୍ଚ ୩୧ ତାରିଖ, ଏପ୍ରିଲ୍ ୨ ଓ ୪ ତାରିଖରେ ବେଗୁନିଆ କଲେଜ୍ ଠାରେ ଏବଂ ଏପ୍ରିଲ୍ ୫,୬,୭ ତାରିଖରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବେଗୁନିଆ ଠାରେ, ଖୋର୍ଦ୍ଧା ତହସିଲ ନିମନ୍ତେ ମାର୍ଚ୍ଚ ୩୧ ତାରିଖ, ଏପ୍ରିଲ୍ ୨,୪,୬,୭ ତାରିଖରେ ବ୍ଲକ୍ ଅଫିସ, ଖୋର୍ଦ୍ଧା ଓ ଖୋର୍ଦ୍ଧା ପୌରପରିଷଦ କାର୍ଯ୍ୟାଳୟରେ, ଜଟଣୀ ତହସିଲ ପାଇଁ ମାର୍ଚ୍ଚ ୩୧ ତାରିଖ, ଏପ୍ରିଲ୍ ୧,୪,୬,୭, ତାରିଖ ରେ ନାଇଜର ଠାରେ, ବାଲିଅନ୍ତା ତହସିଲ ନିମନ୍ତେ ଏପ୍ରିଲ୍ ୨ ରୁ ୧୦ ତାରିଖ ମଞ୍ଜରୀ ଦେବୀ ନର୍ସି କଲେଜ ଠାରେ, ଚିଲିକା ତହସିଲ ନିମନ୍ତେ ଏପ୍ରିଲ୍ ୪,୬,୭ ତାରିଖ ବାଲୁଗାଁ ବିଜ୍ଞାପିତ ଅଂଚଳ ପରିଷଦ ଓ ଚିଲିକା ବ୍ଲକ୍ କାର୍ଯ୍ୟାଳୟ ଠାରେ ଏବଂ ବାଲୁଗାଁ ବିଜ୍ଞାପିତ ଅଂଚଳ ପରିଷଦ ନିମନ୍ତେ ମାର୍ଚ୍ଚ ୩୧ ତାରିଖ ଏପ୍ରିଲ୍ ୨,୪,୬,୭ ତାରିଖରେ ବାଲୁଗାଁ ବିଜ୍ଞାପିତ ଅଂଚଳ ପରିଷଦ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ ।

# ସତ୍ୟ ନରାୟଣ ଦେବଙ୍କ ବାର୍ଷିକ ପୂଜା ଉତ୍ସବ

ଯାଜପୁର(ନିପ୍ର): ପବିତ୍ର ରାମନବମୀ ଅବସରରେ ଯାଜପୁର ବ୍ଲକ ଚଇନପୁର (ଅଖାଘର ସାହି)ପୂଜା ମଣ୍ଡପରେ ପ୍ରଭୁ ଶ୍ରୀ ସତ୍ୟ ନାରାୟଣଙ୍କ ବାର୍ଷିକ ପୂଜା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ଆୟୋଜିତ ହୋଇଛି । ଏହି ଅବସରରେ ୭ ଦିନ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି । ୨୭ ତାରିଖ ରୁ ୨୯ ତାରିଖ ପର୍ଯ୍ୟନ୍ତ ଖ୍ୟାତନାମା ଗାୟକଙ୍କ ଦ୍ୱାରା ପାଲା ମହୋତ୍ସବ,୩୦ ତାରିଖରେ ଭକ୍ତି ଜ୍ଞାନମୃତ ପଣ୍ଡିତ ବୀରେନ୍ଦ୍ର କୁମାରପଣ୍ଡା, ୩୧ ତାରିଖରେ ଭକ୍ତି କଥାମୃତ ପ୍ରବଚନ ମନୋଜ କୁମାର ପ୍ରଧାନ, ଏପ୍ରିଲ୍ ୧ ତାରିଖ ଜୁନିୟର ଓ ସିନିୟର ପିଲାମାନଙ୍କୁ ନେଇ 'ଆମେ ଖୋଜିବୁ ପ୍ରତିଭା' ନାମରେ ନୃତ୍ୟ ପ୍ରତିଯୋଗିତା, ୨ ତାରିଖ ରାମ-କୃଷ୍ଣ ରାସ ଖୁବ୍ ଧୁମଧାମରେ କାର୍ଯ୍ୟସୂଚୀ ଅନୁଯାୟୀ ହୋଇ ଅଛି । ଏହି ପୂଜାକୁ ଅଂଚଳରେ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଉ ଥିବା ବେଳେ ଶହଶହ ଶ୍ରଦ୍ଧାଳୁ ସାମିଲ ହୋଇ ଭକ୍ତମୟ ପରିବେଶ ସୃଷ୍ଟି ହୋଇଛି । ପୂଜା କମିଟିର ସଭାପତି ପ୍ରଦୀପ କୁମାର ସାହୁ, ସଂପାଦକ ବିମଳକାନ୍ତ ମିଶ୍ର, ଶ୍ୟାମସୁନ୍ଦର ସାହୁ, ଦେବାଶିଷ ସାହୁ, ପଙ୍କଜ ସାହୁ, ଆଲୋକ ମିଶ୍ର, ଭୀମସେନ ସାହୁ, ତୋଫାନ ମିଶ୍ର, ଜଳନ୍ଧର ସାହୁ ପ୍ରମୁଖ ସହଯୋଗ କରି କାର୍ଯ୍ୟକ୍ରମକୁ ସଫଳ କରିଛନ୍ତି । ଏଥିରେ ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା ବେଳେ ଏହି ଶତାୟୁ ଅନୁଷ୍ଠାନ ର ଦାୟିତ୍ୱ ରେ ଥିବା ସ୍ୱର୍ଗତ ରବିନ୍ଦ୍ର କୁମାର ସାହୁ, ସୁରେନ୍ଦ୍ର ସାହୁ, ରାମଚନ୍ଦ୍ର ସାହୁ ଓ କମଳାକାନ୍ତ ମିଶ୍ରଙ୍କୁ ମରଣୋତର ସମ୍ମାନ ରେ ସମ୍ମାନିତ କରାଯାଇ ଥିଲା । ଏଥିରେ ଯୋଗ ଦେବା ପାଇଁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ, ମହାରାଜା ଜଯାତି କେଶରୀ ମେଡିକାଲ କଲେଜ ଅଧକ୍ଷ ଡଃ ମନୋରମା ସ୍ୱାଇଁ, ବରିଷ୍ଠ ଚକ୍ଷୁ ରୋଗ ବିଶେଷଜ୍ଞ ଡାକ୍ତର ରାଜ କିଶୋର ପଣ୍ଡା, ଭାରତୀୟ ଜନତା ପାର୍ଟି ପୂର୍ବତନ ଜିଲ୍ଲା ସଭାପତି ଗୌତମ ରାୟ, ଯାଜପୁର ମୁନିସିପାଲିଟି ପୂର୍ବତନ ନଗରପାଳ ଭବ ପ୍ରସାଦ ଦାସ, ରାଜ୍ୟ ବିଜେପି ଯୁବ ମୋର୍ଚ୍ଚା ଉପସଭାପତି ସଂଗ୍ରାମ କେଶରୀ ପାତ୍ର, ଭାରତୀୟ ଜାତୀୟ କଂଗ୍ରେସ ଯାଜପୁର ବିଧାୟକ ପ୍ରାର୍ଥୀ ସୁଦୀପ୍ କର, ତପନ କୁମାର ନନ୍ଦ, ସୁଦୀପ୍ତ ପଣ୍ଡା ପ୍ରମୁଖ ଯୋଗଦେବା ପାଇଁ ସହମତି ପ୍ରକାଶ କରିଛନ୍ତି । ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ନିତ୍ୟାନନ୍ଦ ମିଶ୍ର, ବିଜୟ ଦେବତା, ନିରଞ୍ଜନ ବଳ, ମଳୟ କୁମାର ପୃଷ୍ଟି, ଜିତା ମିତ୍ର ଦାସ, ପାର୍ଥ ସାରଥି ମହାନ୍ତି, ନିତ୍ୟାନନ୍ଦ ପଣ୍ଡା, ମଳୟ କୁମାର ପଣ୍ଡା, ଭାଗବତ ନାୟକ, ବିରଜା ମଣ୍ଡଳ କଳାକାର ସଂଘ ପକ୍ଷରୁ ଅଧକ୍ଷ କୃଷ୍ଣ ଚନ୍ଦ୍ର ବ୍ରହ୍ମ ଓ ସଭାପତି ଜଗବନ୍ଧୁ ଓଝା ପ୍ରମୁଖ ସାତଦିନ ବ୍ୟାପୀ କାର୍ଯ୍ୟକ୍ରମରେ ଯୋଗ ଦେଇ କାର୍ଯ୍ୟକ୍ରମକୁ ସହଯୋଗ କରିଛନ୍ତି ।

# ସାମ୍ବାଦିକ ତଥା ସୂଚନା ଅଧିକାର କର୍ମୀ ମଦନମୋହନ ଦାସଙ୍କ ସ୍ମୃତି ସଭା ଅନୁଷ୍ଠିତ



ଧାମନଗର(ନିପ୍ର): ସାମ୍ବାଦିକ, ସମାଜସେବୀ ତଥା ସୂଚନା ଅଧିକାର କର୍ମୀ ସ୍ୱର୍ଗତ ମଦନ ମୋହନ ଦାସଙ୍କ ଏକାଦଶାହ ଅବସରରେ ଧାମନଗର ବ୍ଲକ କାଞ୍ଜିଆପାଳସ୍ଥିତ ତାଙ୍କ ଜନ୍ମମାଟି ଠାରେ ଏକ ଭାବପୂର୍ଣ୍ଣ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଦେବାଶିଷ ସାମଲଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସଭାର ପ୍ରାରମ୍ଭରେ ବେଦ ଶାସ୍ତ୍ରୀ ପଣ୍ଡିତ ସୁଧାକର ଖୁଂଟିଆ ବେଦ ପାଠ କରି ପରିବେଶକୁ ଅଧାତ୍ମମୟ କରିଥିଲେ । ଏହି ସଭାରେ ଯୋଗଦେଇଥିବା ଅତିଥିମାନେ ସ୍ୱର୍ଗତ ଦାସଙ୍କ ଜୀବନୀ ଓ କାର୍ଯ୍ୟାବଳୀ ଉପରେ ଆଲୋକ ପାତ କରିଥିଲେ । ମଦନ ବାବୁ ଜଣେ ନିର୍ଭୀକ ସାମ୍ବାଦିକ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ସେ ସର୍ବଦା ସତ୍ୟ ଓ ନ୍ୟାୟ ମାର୍ଗରେ ଚାଲିବା ସହ ସରକାରୀ ଯୋଜନାର ସଫଳ ରୂପାୟନ ଓ ସ୍ୱଚ୍ଛତା ପାଇଁ ଜଣେ ସୁରକ୍ଷା କର୍ତା ସଦୃଶ କାର୍ଯ୍ୟ କରୁଥିଲେ । ନିଜ ଅଂଚଳ ତଥା ଗାଁର ବିକାଶ ପାଇଁ ସେ ସର୍ବଦା ଚିନ୍ତାଶୀଳ ଥିଲେ । ତାଙ୍କର ବିୟୋଗ ଧାମନଗର ଅଂଚଳ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ବକ୍ତାମାନେ ମତ ବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ଧାମନଗର ବ୍ଲକର ପୂର୍ବତନ ଅଧକ୍ଷ ଅଶୋକ ନାୟକ, ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲ, କଂଗ୍ରେସ ବ୍ଲକ ସଭପତି ରମେଶ ବେହେରା, ପୂର୍ବତନ ସରପଂଚ ବିଜୟ କୁମାର ଦାସ, ପୂର୍ବତନ ସମିତି ସଭ୍ୟ ରମେଶ ପତି,ସାମ୍ବାଦିକ ପ୍ରଦୀପ କୁମାର ମହାପାତ୍ର, ମନୋଜ କୁମାର ଦାସ, ପୂର୍ବତନ ସରପଂଚ ଅମିୟ ମହାନ୍ତି, ସରପଂଚ ଅଶୋକ କୁମାର ପଣ୍ଡା, ଏବିଇଓ ମନୋଜ କୁମାର ଜେନା, ଶିକ୍ଷାବିତ ହୃଦାନନ୍ଦ କର, ସେକ ତାଜୁଦିନି, ମାନସ ସାହୁ, ପ୍ରମୋଦ ସ୍ୱାଇଁ , ଦେବେନ୍ଦ୍ର ମହାନ୍ତି, ରମଣୀ ଦାସ, କଂଗ୍ରେସ ନେତା ସଂଜୟ ମିଶ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ମଦନ ଦାସଙ୍କ ସ୍ମୃତିରେ କାଞ୍ଜିଆପାଳ ରାସ୍ତାକୁ ମଦନ ମାର୍ଗରେ ନାମିତ କରିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା ।

# ମହିଳା ମାନଙ୍କୁ ସୁରକ୍ଷା ପ୍ରଦାନରେ ପୋଲିସ ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ

ଭୁବନେଶ୍ୱର: ମାର୍ଚ୍ଚ ୨୭ ତାରିଖରେ ଭୁବନେଶ୍ୱର ତମଣ୍ଡୋ ଥାନା ଅଂଚଳରେ ଘଟିଥିବା ଜଘନ୍ୟ ଗଣଦୁଷ୍କର୍ମ ଘଟଣାକୁ ତୀବ୍ର ନିନ୍ଦା କରିଛି ବିଜୁ ଜନତା ଦଳ । ଓଡ଼ିଶାରେ ବିଜେପି କ୍ଷମତାକୁ ଆସିବା ପରଠାରୁ ମହିଳା ସୁରକ୍ଷା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି କହିଛି ବିଜୁ ଜନତା ଦଳ । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ସୁମିତ୍ରା ଜେନା କହିଥିଲେ, ବିଜେପି କ୍ଷମତାକୁ ଆସିବା ପରେ ଓଡିଶାରେ ମହିଳା ମାନେ ଅସୁରକ୍ଷିତ ହୋଇପଡ଼ିଛନ୍ତି । ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଲିଖିତ ଉତର ଅନୁଯାୟୀ, ଜୁଲାଇ ୧, ୨୦୨୪ରୁ ୩୧ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ମାତ୍ର ୧୮ ମାସରେ ଓଡ଼ିଶାରେ ୪୮,୭୯୮ଟି ମହିଳା ବିରୋଧୀ ଅପରାଧ ମାମଲା ରୁଜୁ ହୋଇଛି । ଏଥିରେ ୪୨୯୨ଟି ଦୁଷ୍କର୍ମ ମାମଲା ସାମିଲ୍ ରହିଛି, ଯାହା ଓଡ଼ିଶା ଇତିହାସରେ କେବେ ଘଟି ନଥିଲା । ବର୍ତମାନ ମହିଳା ଅସଦାଚରଣ ମାମଲାରେ ବିଜେପି ଶାସିତ ଓଡ଼ିଶା ଦେଶରେ ପ୍ରଥମ ସ୍ଥାନରେ ଥିବାବେଳେ ମହାରାଷ୍ଟ୍ର ଦ୍ୱିତୀୟ ସ୍ଥାନରେ ରହିଛି । ରାଜ୍ୟରେ ୨୦୨୫ ବର୍ଷରେ ୨,୨୯,୮୮୧ଟି ଧର୍ତବ୍ୟ ଅପରାଧ ମାମଲା ରୁଜୁ ହୋଇଛି, ଯାହା ୨୦୨୪ ତୁଳନାରେ ୭.୩% ବୃଦ୍ଧି ପାଇଛି । ହତ୍ୟା ମାମଲା ୧,୩୦୪ଟି (ପ୍ରତିଦିନ ୪ଟି ହତ୍ୟା) ଏବଂ ଦୁଷ୍କର୍ମ ମାମଲା ୨୯୯୪ଟି (ପ୍ରତିଦିନ ୮ଟି ଦୁଷ୍କର୍ମ) । ରାଜ୍ୟରେ ଦିନକୁ ୪ ହତ୍ୟା ଓ ୮ ଦୁଷ୍କର୍ମ ଘଟଣା ହେଉଛି ବିଜେପି ସରକାରର ସଫଳତା । ଗୋପାଳପୁର, ଧଉଳି, ବାଲିହାରଚଣ୍ଡୀ, ଚନ୍ଦ୍ରଗିରି ସହିତ ରାଜ୍ୟର ସମସ୍ତ ପର୍ଯ୍ୟଟନସ୍ଥଳୀରେ ଗଣଦୁଷ୍କର୍ମ ଘଟଣା ବୃଦ୍ଧି ପାଉଛି । ବିଜେଡି ସରକାର ସମୟରେ କରାଯାଇଥିବା ୬୦୦ ମହିଳା ଓ ଶିଶୁ ଡେସ୍କ ଏବେ ସମ୍ପୂର୍ଣ୍ଣ ଅଚଳ । ମାତ୍ର ୫ ମାସରେ ୫୦ରୁ ଅଧିକ ନାବାଳିକା ଗର୍ଭବତୀ ହୋଇଛନ୍ତି । ଏହା ଓଡ଼ିଶାର ମହିଳା ଓ ଶିଶୁ ସୁରକ୍ଷାର ଦୁର୍ବଳ ଚିତ୍ର ଉପସ୍ଥାପନ କରୁଛି ।

# ଆଇଏଏସ ସ୍ତରରେ ଅଦଳବଦଳ : ଭାସ୍କର ଜ୍ୟୋତି ଶର୍ମା ହେଲେ ଜଙ୍ଗଲ ବିଭାଗ ପ୍ରମୁଖ ଶାସନ ସଚିବ



ଭୁବନେଶ୍ୱର : ଆଇଏଏସ ସ୍ତରରେ ଅଦଳବଦଳ । ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । ଆାଇଏଏସ ଭାସ୍କର ଜ୍ୟୋତି ଶର୍ମାଙ୍କୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରମୁଖ ଶାସନ ସଚିବ ଭାବେ ନିଯୁକ୍ତି ଦିଆଯାଇଛି । ସେହିପରି ଓଡିଶା ବିଦ୍ୟୁତ ଶକ୍ତି ସଂାରଣ ନିଗମ ଲିମିଟେଡ ଅଧକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି । ସେହିପରି ଆର. ସନ୍ଥନଗୋପାଳନଙ୍କୁ ଅବକାରୀ ବିଭାଗ ପ୍ରମୁଖ ଶାସନ ସଚିବ ଭାବେ ଦାୟିତ୍ୱ ଦିଆଯାଇ । ସେହିପରି ଓଡିଶା ରାଜ୍ୟ ପାନୀୟ ନିଗମ ଲିମିଟେଡର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି । ଆଇଏଏସ ବଳବନ୍ତ ସିଂଙ୍କୁ ଓଡିଶା ରାଜ୍ୟ ରାଜପଥ ପ୍ରାଧିକରଣଣ ଅଧକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି ।

# ବଦଳିବ ନନ୍ଦନକାନନର ସମୟ ନିର୍ଘଂଟ
## ପ୍ରତି ସୋମବାର ବନ୍ଦ ରହିବ ଉଭୟ ଉଦ୍ୟାନ




ଭୁବନେଶ୍ୱର: ପହିଲାରୁ ବଦଳିବ ନନ୍ଦନକାନନର ସମୟ ନିର୍ଘଂଟ । ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଓ ରାଜ୍ୟ ଉଦ୍ଭିଦ ଉଦ୍ୟାନକୁ ରାଜ୍ୟ ତଥା ରାଜ୍ୟ ବାହାରୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ସମୟ ନିର୍ଘଂଟ ବଦଳିବ ବୋଲି ସୂଚନା ଦେଇଛନ୍ତି ନନନ୍ଦନକାନନ କର୍ତ୍ତୃପକ୍ଷ । ପ୍ରତିବର୍ଷ ଭଳି ଗ୍ରୀଷ୍ମଋତୁ ସାଙ୍ଗକୁ ଦିନ ବଡ ଯୋଗୁଁ ନନ୍ଦନକାନନ ପ୍ରାଣୀଉଦ୍ୟାନ ଓ ରାଜ୍ୟ ଉଦ୍ଭିଦ ଉଦ୍ୟାନ ଆସନ୍ତା ଏପ୍ରିଲ ପହିଲାରୁ ସକାଳ ୭ଟା ୩୦ରେ ଖୋଲି ସନ୍ଧ୍ୟା ୫.୩୦ଟାରେ ବନ୍ଦ ହେବ । ଏନେଇ ସୂଚନା ଦେଇଛନ୍ତି ନନ୍ଦନକାନନ ଉପନିର୍ଦ୍ଦେଶକ । ଏହି ନିୟମ ୨୦୨୬ ସେପ୍ଟମ୍ବର ୩୦ ପର୍ଯ୍ୟନ୍ତ ଲାଗୁ ରହିବ । ସପ୍ତାହର ପ୍ରତି ସୋମବାର ଉଭୟ ଉଦ୍ୟାନ ବନ୍ଦ ରହିବ ।








# ମହାବୀର ଜୟନ୍ତୀ ଅବସରରେ ଗାନ୍ଧୀନଗର କୋବା ତିର୍ଥଠାରେ 'ସମ୍ରାଟ ସମ୍ପ୍ରତି' ସଂଗ୍ରହାଳୟକୁ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଭଗବାନ ମହାବୀର ଜୟନ୍ତୀର ଶୁଭ ଅବସରରେ ଗୁଜରାଟର ଗାନ୍ଧୀନଗରସ୍ଥିତ କୋବା ତୀର୍ଥଠାରେ 'ସମ୍ରାଟ ସମ୍ପ୍ରତି ସଂଗ୍ରହାଳୟ' (ଜୈନ ଐତିହ୍ୟ ସଂଗ୍ରହାଳୟ)କୁ ଉଦ୍ଘାଟନ କରିଛନ୍ତି । ଏହି ଅବସରରେ ଶ୍ରୀ ମୋଦୀ କହିଛନ୍ତି ଯେ, "କୋବା ତୀର୍ଥ ଆଧ୍ୟାତ୍ମିକ ଶାନ୍ତିରେ ପରିପୂର୍ଣ୍ଣ ଏକ ସ୍ଥାନ, ଯେଉଁଠାରେ ଅନେକ ଜୈନ ମୁନି ଏବଂ ସନ୍ଥଙ୍କ ତପସ୍ୟାର ଅଭିବ୍ୟକ୍ତି ଦେଖିବାକୁ ମିଳେ ଏବଂ ଯେଉଁଠାରେ ସୃଜନଶୀଳତା ଓ ସେବା ପ୍ରାକୃତିକ ଭାବରେ ବିକଶିତ ହୋଇଥାଏ ।" କୋବା ତୀର୍ଥର ଚିରନ୍ତନ ପରମ୍ପରା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ବହୁ ବର୍ଷ ଧରି ଏହି ପବିତ୍ର ସ୍ଥଳରେ ଅଧ୍ୟୟନ, ସାଧନା ଏବଂ ଆତ୍ମ-ଅନୁଶାସନର ପରମ୍ପରା ସମୃଦ୍ଧ ହୋଇଆସୁଛି । ସେ ଗୁରୁତ୍ୱାରୋପ କରି କହିଛନ୍ତି ଯେ ମୂଲ୍ୟବୋଧର ସଂରକ୍ଷଣ, ସଂସ୍କାରର ପ୍ରସାର ଏବଂ ଜ୍ଞାନର ବିକାଶ ହିଁ ସେହି 'ତ୍ରିବେଣୀ' ସଙ୍ଗମ ସୃଷ୍ଟି କରେ, ଯାହା ଭାରତୀୟ ସଭ୍ୟତାର ପ୍ରକୃତ ଭିତିଭୂମି ଅଟେ । 'ଏହି ତ୍ରିବେଣୀ ଧାରାକୁ ଅବିରତ ପ୍ରବାହିତ ରଖିବା ଆମ ସମସ୍ତଙ୍କର ମିଳିତ ଦାୟିତ୍ୱ,' ବୋଲି ଶ୍ରୀ ମୋଦୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ପ୍ରଧାନମନ୍ତ୍ରୀ ଖୁସି ବ୍ୟକ୍ତ କରିଛନ୍ତି ଯେ, ଜୈନ ଧର୍ମର କାଳଜୟୀ ଜ୍ଞାନ ଓ ଭାରତର ସମୃଦ୍ଧ ଐତିହ୍ୟକୁ ଏବେ ଜୈନ ଐତିହ୍ୟ ସଂଗ୍ରହାଳୟ ମାଧ୍ୟମରେ ଶତାବ୍ଦୀ ଶତାବ୍ଦୀ ଧରି ସଂରକ୍ଷଣ କରାଯାଉଛି । ଏହା ସନ୍ଥମାନଙ୍କ ଦ୍ୱାରା ପ୍ରାଚୀନ ଜ୍ଞାନକୁ ନୂତନ ଏବଂ ଆଧୁନିକ ରୂପରେ ପରବର୍ତ୍ତୀ ପିଢ଼ିକୁ ଉପସ୍ଥାପନ କରିବା ପାଇଁ ପରିକଳ୍ପନା କରାଯାଇଥିଲା । 'ଆଜି, ସେହି ମହାନ ଦୃଷ୍ଟିକୋଣ ସମ୍ରାଟ ସମ୍ପ୍ରତି ସଂଗ୍ରହାଳୟ ରୂପରେ ସାକାର ହୋଇଛି, ଯାହା ଜୈନ ଦର୍ଶନ, ଭାରତୀୟ ସଂସ୍କୃତି ଏବଂ ଆମର ପ୍ରାଚୀନ ଐତିହ୍ୟର ଏକ ପବିତ୍ର କେନ୍ଦ୍ର,' ବୋଲି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି । ପ୍ରଧାନମନ୍ତ୍ରୀ ସମସ୍ତ ଜୈନ ମୁନି, ସନ୍ଥ ଓ ଏହି ପ୍ରୟାସରେ ଅପାର ଅବଦାନ ଦେଇଥିବା ହଜାର ହଜାର ସମର୍ପିତ ବ୍ୟକ୍ତିଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଐତିହ୍ୟ ସଂରକ୍ଷଣରେ ନବସୃଜନର ଗୁରୁତ୍ୱ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଯେତେବେଳେ ପ୍ରାଚୀନ ଜ୍ଞାନକୁ ନୂତନ ଉପାୟରେ ଉପସ୍ଥାପନ କରାଯାଏ, ସେତେବେଳେ ଐତିହ୍ୟ ସମୃଦ୍ଧ ହୁଏ ଓ ଭବିଷ୍ୟତ ପିଢ଼ି ନୂତନ ପ୍ରେରଣା ପାଆନ୍ତି । 'ସମ୍ରାଟ ସମ୍ପ୍ରତି ସଂଗ୍ରହାଳୟ ଭାରତର କୋଟି କୋଟି ଲୋକଙ୍କର ଏବଂ ଆମର ଗୌରବମୟ ଅତୀତର ପ୍ରମାଣ ସ୍ୱରୂପ ଠିଆ ହୋଇଛି,' ବୋଲି ପ୍ରଧାନମନ୍ତ୍ରୀ ମନ୍ତବ୍ୟ ଦେଇଛନ୍ତି । ସମ୍ରାଟ ସମ୍ପ୍ରତିର ଐତିହାସିକ ମହତ୍ୱ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଅନେକ ସଭ୍ୟତା ମହାନ ଚିନ୍ତାନାୟକ ଓ ଦାର୍ଶନିକଙ୍କୁ ସୃଷ୍ଟି କରିଥିଲେ, କିନ୍ତୁ ବିଶ୍ୱର ଅନେକ ସ୍ଥାନରେ ଶାସକମାନେ କ୍ଷମତା ପ୍ରଶ୍ନର ସମ୍ମୁଖୀନ ହୋଇ ନିଜ ଆଦର୍ଶକୁ ଛାଡ଼ିଦେଇଥିଲେ, ଯାହା ଫଳରେ ଚିନ୍ତାଧାରା ଓ ଶାସନ ମଧ୍ୟରେ ଏକ ବ୍ୟବଧାନ ସୃଷ୍ଟି ହୋଇଥିଲା । ସେ ଉଲ୍ଲେଖ କରିଛନ୍ତି ଯେ, ସମ୍ରାଟ ସମ୍ପ୍ରତି କେବଳ ଜଣେ ଐତିହାସିକ ରାଜା ନଥିଲେ ବରଂ ଭାରତର ଦର୍ଶନ ଓ ଅଭ୍ୟାସକୁ ସଂଯୋଗ କରୁଥିବା ଏକ ସେତୁ ଥିଲେ । 'ଭାରତରେ, ସମ୍ରାଟ ସମ୍ପ୍ରତିଙ୍କ ପରି ଶାସକମାନେ କ୍ଷମତାକୁ ସେବା ଓ ସାଧନା ଭାବରେ ବ୍ୟବହାର କରୁଥିଲେ, ସିଂହାସନରୁ ଅହିଂସା ବିସ୍ତାର କରୁଥିଲେ ଏବଂ ସତ୍ୟ, ଆସ୍ତେୟ ଏବଂ ଅପରିଗ୍ରହକୁ ଅତ୍ୟନ୍ତ ନିରପେକ୍ଷତା ଓ ନିସ୍ୱାର୍ଥପରତା ସହିତ ପ୍ରଚାର କରୁଥିଲେ,' ବୋଲି ଶ୍ରୀ ମୋଦୀ ଦୃଢ଼ ଭାବରେ କହିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ସଂଗ୍ରହାଳୟକୁ ବିଚାରପୂର୍ବକ ଡିଜାଇନ୍ କରାଯାଇଛି, ଯାହା ଦ୍ୱାରା ପ୍ରତ୍ୟେକ ପଦକ୍ଷେପରେ ଭାରତର ମହିମା ପ୍ରକାଶିତ ହେଉଛି, ଏହାର ସାତୋଟି ଗ୍ୟାଲେରୀ ଦେଶର ବିବିଧତା ଓ ସାଂସ୍କୃତିକ ସମୃଦ୍ଧିକୁ ପ୍ରକାଶ କରୁଛି । ପ୍ରଥମ ଗ୍ୟାଲେରୀରେ ନବପଦ, ଅରିହନ୍ତ, ସିଦ୍ଧ, ଆଚାର୍ଯ୍ୟ, ଉପାଧ୍ୟାୟ, ସାଧୁ ଏବଂ ସମ୍ୟକ୍ ଦର୍ଶନର ଚାରି ନୀତି, ସମ୍ୟକ୍ ଜ୍ଞାନ, ସମ୍ୟକ୍ ଚରିତ୍ର ଏବଂ ସମ୍ୟକ୍ ତପକୁ ପ୍ରଦର୍ଶିତ ପ୍ରଦର୍ଶନ କରାଯାଇଛି । ତୃତୀୟ ଗ୍ୟାଲେରୀରେ ତୀର୍ଥଙ୍କରଙ୍କ କାହାଣୀ ଏବଂ ଶିକ୍ଷାକୁ କଳାତ୍ମକ ଭାବରେ ଉପସ୍ଥାପନ କରାଯାଇଛି । 'ଯେତେବେଳେ ଜ୍ଞାନ ସମ୍ୟକ୍, ଧାର୍ମିକ ହୋଇଥାଏ, ଏହା ସମତା ଏବଂ ସେବାର ମୂଳଦୁଆ ହୋଇଯାଏ,' ବୋଲି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ।

# ମା' ହିଙ୍ଗୁଳାଙ୍କ ବାର୍ଷିକ ଯାତ୍ରାରେ ପୂଜାର୍ଚ୍ଚନା କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ



ତାଳଚେର : ମଙ୍ଗଳବାର ଆରମ୍ଭ ହୋଇଛି ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ନବଦିନାତ୍ମକ ବାର୍ଷିକ ଯାତ୍ରା ଏବଂ ଲୋକ ମହୋତ୍ସବ । ଏନେଇ ଅଂଚଳ ଚଳଚଂଚଳ ହୋଇପଡିଛି । ମା'ଙ୍କ ଦର୍ଶନ ପାଇଁ ଉଭାସ୍ଥଳକୁ ଭକ୍ତଙ୍କ ସୁଅ ଛୁଟିବାରେ ଲାଗିଛି । ଭକ୍ତମାନେ ଆଣି ଥିବା ଭୋଗ ସାମଗ୍ରୀକୁ ମା'ଙ୍କୁ ଅର୍ପଣ କରି ଆଶିଷ ଭିକ୍ଷା କରୁଛନ୍ତି । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ତାଙ୍କ ସହଧର୍ମିଣୀ ଉଭାସ୍ଥଳକୁ ଆସି ମା'ଙ୍କୁ ପୂଜାର୍ଚ୍ଚନା କରିବା ସହିତ ଆଶିଷ ଭିକ୍ଷା କରିଛନ୍ତି । ଏଠାରେ ପୂଜକଙ୍କ ଲୋଡ଼ା ପଡେ ନାହିଁ । ମା' ଓ ଭକ୍ତଙ୍କ ମଧ୍ୟରେ କୌଣସି ବ୍ୟବଧାନ ନାହିଁ । ଭକ୍ତ ଆଣିଥିବା ଭୋଗ ସାମଗ୍ରୀକୁ ନିଜ ହାତରେ ଅଗ୍ନିରୁପା ହିଙ୍ଗୁଳାଙ୍କୁ ସମର୍ପି ଦେଇଥାଏ । ମା'ଙ୍କ ଯାତ୍ରା ପାଇଁ ପୋଲିସ ପ୍ରଶାସନ, ଟ୍ରଷ୍ଟ ବୋର୍ଡ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଭକ୍ତଙ୍କ ପାଇଁ ପାନୀୟଜଳ, ବିଭିନ୍ନ ଥଣ୍ଡା ପାନୀୟ ଏବଂ ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଛି । ସକାଳେ ଟିକିଏ ବର୍ଷା ହୋଇଥିଲା । ପାଗ ଥଣ୍ଡା ସହିତ ଅନୁକୂଳ ରହିଛି । ଏଭଳିସ୍ଥିତିରେ ମା'ଙ୍କ ଉଭାସ୍ଥଳ ନିକଟରେ ମାନସିକଧାରୀମାନେ ପିଲାଙ୍କ ମୁଣ୍ଡନ କରାଉଛନ୍ତି । ମା'ଙ୍କ ଚଳନ୍ତି ପ୍ରତିମାକୁ ଶୋଭାଯାତ୍ରାରେ ମନ୍ଦିରକୁ ଅଣାଯାଇ ପୂଜାର୍ଚ୍ଚନା କରାଯାଇଛି । ଚଳିତ ବର୍ଷ ମା'ଙ୍କ ପାଟବରୀ ଉତ୍ସବ ହେଉଛି । ଯାହାକୁ ଦେଖିବା ପାଇଁ ଭକ୍ତଙ୍କ ମଧ୍ୟରେ ପ୍ରବଳ ଉତ୍କଣ୍ଠା ରହିଥିବା ଦେଖିବାକୁ ମିଳିଛି ।

# ୨୩ ମାର୍ଚ୍ଚରୁ ପ୍ରବାସୀ ଶ୍ରମିକଙ୍କୁ ୩.୨ ଲକ୍ଷରୁ ଅଧିକ ୫ କିଲୋଗ୍ରାମ ଏଫଟିଏଲ୍ ସିଲିଣ୍ଡର ବିକ୍ରି



ନୂଆଦିଲ୍ଲୀ : ପଶ୍ଚିମ ଏସିଆର ପରିସ୍ଥିତିରେ କ୍ରମାଗତ ପରିବର୍ତ୍ତନ ହେଉଥିବା ବେଳେ, ଭାରତ ସରକାର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକରେ ସ୍ଥିରତା ବଜାୟ ରଖିବା ପାଇଁ ସକ୍ରିୟ ଭାବେ ସମନ୍ୱିତ ପଦକ୍ଷେପ ଗ୍ରହଣ କରୁଛନ୍ତି । ନିରବଚ୍ଛିନ୍ନ ଶକ୍ତି ଯୋଗାଣ ସୁନିଶ୍ଚିତ କରିବା, ସାମୁଦ୍ରିକ ପରିଚାଳନାକୁ ସୁରକ୍ଷିତ ରଖିବା ଏବଂ ସେହି ଅଂଚଳରେ ରହୁଥିବା ଭାରତୀୟ ନାଗରିକମାନଙ୍କୁ ଆବଶ୍ୟକୀୟ ସହାୟତା ପ୍ରଦାନ କରିବା ଉପରେ ସରକାର ବିଶେଷ ଧ୍ୟାନ ଦେଉଛନ୍ତି । ଏହି ପ୍ରୟାସଗୁଡ଼ିକର ବର୍ତ୍ତମାନର ସ୍ଥିତି ନିମ୍ନରେ ପ୍ରଦାନ କରାଯାଇଛି । ହର୍ମୁଜ୍ ପ୍ରଣାଳୀ ବନ୍ଦ ହେବା ଦୃଷ୍ଟିରୁ, ସାରା ଦେଶରେ ପେଟ୍ରୋଲିୟମ୍ ଉତ୍ପାଦ ଏବଂ ଏଲପିଜିର ନିରବଚ୍ଛିନ୍ନ ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ନିଆଯାଇଛି । ସମସ୍ତ ରିଫାଇନାରୀ ଉଚ୍ଚ କ୍ଷମତାରେ କାର୍ଯ୍ୟ କରୁଛନ୍ତି, ପର୍ଯ୍ୟାପ୍ତ ଅଶୋଧିତ ସାମଗ୍ରୀ ଉପଲବ୍ଧ ଅଛି । ଦେଶ ପେଟ୍ରୋଲ ଏବଂ ଡିଜେଲର ପର୍ଯ୍ୟାପ୍ତ ଷ୍ଟକ୍ ମଧ୍ୟ ବଜାୟ ରଖିଛି । ଘରୋଇ ବ୍ୟବହାରକୁ ସମର୍ଥନ କରିବା ପାଇଁ ରିଫାଇନାରୀରୁ ଘରୋଇ ଏଲପିଜି ଉତ୍ପାଦନ ବୃଦ୍ଧି କରାଯାଇଛି ।ସାରା ଦେଶରେ ସମସ୍ତ ଖୁଚୁରା ଦୋକାନ ସ୍ୱାଭାବିକ ଭାବରେ କାର୍ଯ୍ୟ କରୁଛି ।ମଧ୍ୟପ୍ରାଚ୍ୟ ସଙ୍କଟ ଯୋଗୁଁ ଅଶୋଧିତ ତେଲ ମୂଲ୍ୟରେ ଅସ୍ୱାଭାବିକ ବୃଦ୍ଧି ଘଟିଛି । ଏହି ପ୍ରଭାବରୁ ଗ୍ରାହକମାନଙ୍କୁ ରକ୍ଷା କରିବା ପାଇଁ, ଭାରତ ସରକାର ପେଟ୍ରୋଲ ଏବଂ ଡିଜେଲ ଉପରେ ଉତ୍ପାଦ ଶୁଳ୍କରେ ଲିଟର ପିଛା ୧୦ ଟଙ୍କା ହ୍ରାସ କରି ଏହି ବୋଝର ଏକ ଅଂଶ ବହନ କରିବାକୁ ନିଷ୍ପତି ନେଇଛନ୍ତି । ଏହା ବ୍ୟତୀତ, ଭାରତ ସରକାର ଘରୋଇ ବଜାରରେ ଏହି ଉତ୍ପାଦଗୁଡ଼ିକର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ଡିଜେଲ ଉପରେ ଲିଟର ପିଛା ୨୧.୫ ଟଙ୍କା ଏବଂ ବିମାନ ଟରବାଇନ୍ ଇନ୍ଧନ (ଏଟିଏଫ୍) ଉପରେ ଲିଟର ପିଛା ୨୯.୫ ଟଙ୍କା ରପ୍ତାନି ଶୁଳ୍କ ଲାଗୁ କରିଛନ୍ତି ।

# ଆଗାମୀ ୪ ଦିନ କାଳବୈଶାଖୀ ବର୍ଷା



ସମ୍ଭାବନା

ଭୁବନେଶ୍ୱର: ଜାରି ରହିବ କାଳବୈଶାଖୀ ବର୍ଷା । ଘଡଘଡି ବିଜୁଳି ସାଙ୍ଗକୁ ପ୍ରବଳ ପବନ ବହିବ । ଭାରତୀୟ ପାଣିପାଗ ବିଭାଗ ଏନେଇ ଓଡ଼ିଶା ପାଇଁ ସତର୍କତା ଜାରି କରିଛି, ଆଗାମୀ ୪ ଦିନ ମଧ୍ୟରେ ବିଭିନ୍ନ ଜିଲ୍ଲାରେ ଝଡ଼ବର୍ଷା, ବଜ୍ରପାତ ଏବଂ ଝଡ଼ ପବନ ହେବାର ପୂର୍ବାନୁମାନ କରିଛି ଆଇଏମଡି । ରାଜ୍ୟରେ ବର୍ତ୍ତମାନ ଅସ୍ଥିର ପାଗ ପରିସ୍ଥିତି ଅନୁଭୂତ ହେଉଛି, ଦିନମାନଙ୍କ ପ୍ରବଳ ଗରମ ଏବଂ ଗୁଳୁଗୁଳି ହେଉଥିବା ବେଳେ ସନ୍ଧ୍ୟା ଆସିଲେ ବର୍ଷା ସାଙ୍ଗକୁ ପବନ ମାଡ଼ିଆସୁଛି । କିଛି କିଛି ସ୍ଥାନରେ କୁଆପଥର ବର୍ଷା ହେଉଛି । ପାଣିପାଗ ବିଭାଗ ଅନୁଯାୟୀ, ଏହି ପରି ଭାବେ ଏପ୍ରିଲ ୩ ପର୍ଯ୍ୟନ୍ତ ଜାରି ରହିବାର ଆଶା କରାଯାଉଛି, ଯାହା ଦୁର୍ବଳ ଅଂଚଳଗୁଡ଼ିକରେ ସମ୍ଭାବ୍ୟ ବିପଦର ଆଶଙ୍କା ସୃଷ୍ଟି କରିଛି । ଏଥିପାଇଁ ଉତର ଜିଲ୍ଲାଗୁଡ଼ିକ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଏବଂ କେଉଁଝର ପାଇଁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି । ଏହି ଅଂଚଳଗୁଡ଼ିକରେ ବିଚ୍ଛିନ୍ନ ସ୍ଥାନରେ ପ୍ରବଳ ବର୍ଷା ସାଙ୍ଗକୁ ବଜ୍ରପାତ ହେବା ସହ ୪୦-୫୦ କିମି/ଘଂଟା ବେଗରେ ପବନ ବହିବ ଏବଂ କୁଆପଥର ବର୍ଷା ହେବାର ସମ୍ଭାବନା ରହିଛି । ଏହି ଜିଲ୍ଲାଗୁଡ଼ିକର ବାସିନ୍ଦାମାନଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି, ବିଶେଷକରି ସନ୍ଧ୍ୟା ସମୟରେ ଯେତେବେଳେ ଝଡ଼ ବର୍ଷା ତୀବ୍ର ହେବାର ସମ୍ଭାବନା ରହିଛି । ଏହାବ୍ୟତୀତ, ଓଗଡ଼ ୧୭ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରିଛି । ଏହି ଜିଲ୍ଲାଗୁଡିକରେ ମଧ୍ୟମ ବର୍ଷା, ବଜ୍ରପାତ ସହିତ ପ୍ରବଳ ପବନ ବହିବ ।

# ବାଲେଶ୍ୱର ମହିଳା କଲେଜରେ ଇନୋଭେସନ୍ ଓ ଷ୍ଟାର୍ଟଅପ୍ ପ୍ରତିଯୋଗିତା-୨୦୨୬ ଅନୁଷ୍ଠିତ

ବାଲେଶ୍ୱର : ବାଲେଶ୍ୱର ଜିଲ୍ଲାର ଗୋପାଳଗାଁସ୍ଥିତ ବାଲେଶ୍ୱର ମହିଳା କଲେଜରେ ୩୧ ମାର୍ଚ୍ଚ ୨୦୨୬ ତାରିଖରେ ସ୍ମାର୍ଟ କ୍ଲାସ୍ ରୁମ୍-୧ ରେ ଇନଷ୍ଟିଟ୍ୟୁସନାଲ୍ ଲେଭେଲ୍ ଇନୋଭେସନ୍ ଓ ଷ୍ଟାର୍ଟଅପ୍ ପ୍ରତିଯୋଗିତା-୨୦୨୬ ସଫଳତାର ସହ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ୨୫୦ ରୁ ଅଧିକ ଛାତ୍ରୀ ଅଂଶଗ୍ରହଣ କରିଥିବାବେଳେ ସେମାନଙ୍କ ମଧ୍ୟରେ ସୃଜନଶୀଳତା ଓ ଉଦ୍ୟମୀତାର ଉତ୍ସାହ ଦେଖିବାକୁ ମିଳିଥିଲା । କଲେଜର ଅଧକ୍ଷ ଡ଼ଃ ଉମାକାନ୍ତ ନାୟକ କାର୍ଯ୍ୟକ୍ରମକୁ ଅଧକ୍ଷତା କରିଥିଲେ । ଅତିଥି ଭାବେ ଡ଼ଃ ଜ୍ୟୋତିମୟୀ ଚୌଧୁରୀ (ଏମ୍.ପି.ଟି.), ଆଡ୍ ଲାଇଫ୍, ଗୋପାଳଗାଁର ଅଧକ୍ଷା ଓ ଶ୍ରୀ ପ୍ରଶାନ୍ତ କୁମାର ସାମଲ, ଇଣ୍ଡିଆନ୍ ବ୍ୟାଙ୍କ, ମୋତିଗଞ୍ଜ ଶାଖାର ବ୍ରାଂଚ ମ୍ୟାନେଜର ଯୋଗଦେଇଥିଲେ । ଅତିଥିମାନେ ଆଜିର ପ୍ରତିଯୋଗୀତାମୂଳକ ଯୁଗରେ ଇନୋଭେସନ୍ ଓ ଷ୍ଟାର୍ଟଅପ୍‌ର ଗୁରୁତ୍ୱ ବିଷୟରେ ଅଲୋଚନା କରିଥିଲେ । ସେମାନେ ଛାତ୍ରୀମାନଙ୍କୁ ନୂତନ ଧାରଣା ଉନ୍ନୟନ କରିବା ସହ ନିଜସ୍ୱ ଉଦ୍ୟମ ଆରମ୍ଭ କରିବାକୁ ପ୍ରେରିତ କରିଥିଲେ । ଇଂଟର୍ନଶିପ୍‌ର ମାଧ୍ୟମରେ ବ୍ୟବହାରିକ ଅନୁଭବ ଲାଭ କରିବାର ଗୁରୁତ୍ୱ ମଧ୍ୟ ଉଲ୍ଲେଖ କରିଥିଲେ । ପ୍ରାୟ ୨୦ ଜଣ ଛାତ୍ରୀ ସେମାନଙ୍କ ଇନୋଭେସନ୍ ଓ ଷ୍ଟାର୍ଟଅପ୍ ଆଇଡିଆ ପ୍ରଦର୍ଶନ କରିଥିଲେ । ଅତିଥିମାନେ ସେମାନଙ୍କର ସୃଜନଶୀଳ ପ୍ରୟାସକୁ ପ୍ରଶଂସା କରି ଖୁସି ପ୍ରକାଶ କରିଥିଲେ । ଅଧକ୍ଷ ଡ଼ଃ ଉମାକାନ୍ତ ନାୟକ ଶିକ୍ଷାକ୍ଷେତ୍ରରେ ଇନୋଭେସନ୍‌ର ଗୁରୁତ୍ୱ ବିଷୟରେ ବିସ୍ତାରରେ କହିଥିଲେ ଓ ଛାତ୍ରୀମାନଙ୍କୁ ଉଦ୍ୟମୀ ହେବାକୁ ଉତ୍ସାହିତ କରିଥିଲେ । ସମସ୍ତ ଅଂଶଗ୍ରାହୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଅତିଥିମାନଙ୍କୁ ମଧ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଅର୍ଥନୀତି ବିଭାଗର ଅଧାପକ ଶ୍ରୀ ସୁଶାନ୍ତ କୁମାର ମଣ୍ଡଳ ସମନ୍ୱୟ କରିଥିଲେ । ଘରୋଇ ବିଜ୍ଞାନ ବିଭାଗର ଡ଼ଃ ମୋନିକା ସତପଥୀ ଓ ମନୋବିଜ୍ଞାନ ବିଭାଗର ଶ୍ରୀ ପ୍ରଦୀପ କୁମାର ଜେନା ଏହାକୁ ସଂଯୁକ୍ତଭାବେ ଆୟୋଜନ କରିଥିଲେ । ଶେଷରେ ସମସ୍ତଙ୍କ ପାଇଁ ଅଳ୍ପାହାର ବ୍ୟବସ୍ଥା କରାଯାଇଥିଲା । ଏହି ପ୍ରତିଯୋଗିତା ଛାତ୍ରୀମାନଙ୍କ ମଧ୍ୟରେ ନୂତନ ଚେତନା ସୃଷ୍ଟି କରିଥିବା ସହ ଭବିଷ୍ୟତରେ ଉଦ୍ୟମୀତା ପ୍ରତି ଆଗ୍ରହ ବଢ଼ାଇଛି ।

# ନକ୍ସଲମୁକ୍ତ ଭାରତ: ୫୬ ବର୍ଷର ସଂଘର୍ଷର ଅନ୍ତ ଏବଂ ଏକ ଐତିହାସିକ ସଫଳତା

ନୂଆଦିଲ୍ଲୀ : ଭାରତ ୩୧ ମାର୍ଚ୍ଚ ୨୦୨୬ରେ ନକ୍ସଲବାଦମୁକ୍ତ ହେଉଥିବାରୁ ଗତ ୫୬ ବର୍ଷ ଧରି ଚାଲିଥିବା ସଶସ୍ତ୍ର ସଂଘର୍ଷର ଅନ୍ତ ଘଟିଛି । ୨୦୧୪ରେ ୧୨୬ ଥିବା ନକ୍ସଲ ପ୍ରଭାବିତ ଜିଲ୍ଲା ସଂଖ୍ୟା ୨୦୨୬ ସୁଦ୍ଧା କମି ୨ରେ ପହଂଚିଛି । ଏପରିକି ଗୁରୁତର ନକ୍ସଲ ପ୍ରଭାବିତ ଜିଲ୍ଲା ସଂଖ୍ୟା ୩୫ରୁ ହ୍ରାସ ପାଇ ଶୂନ ହୋଇଯାଇଛି । ନକ୍ସଲ ସଂଗଠନର ସମସ୍ତ ୨୧ କେନ୍ଦ୍ରୀୟ କମିଟି ଓ ପଲିଟ୍‌ବ୍ୟୁରୋ ସଦସ୍ୟମାନେ ନିହତ ହୋଇଛନ୍ତି କିମ୍ବା ଆତ୍ମସମର୍ପଣ କରିଛନ୍ତି । ସେହିସହିତ ସହରୀ ନକ୍ସଲମାନଙ୍କ ବିରୋଧରେ ସରକାର ଶୂନ ସହନଶୀଳତା ନୀତି ଅନୁସରଣ କରି ସେମାନଙ୍କ ଛାମୁଆ ସଂଗଠନ ଓ ସହାୟକ ନେଟୱାର୍କକୁ ସମ୍ପୂର୍ଣ୍ଣରୁପେ ଧ୍ୱଂସ କରିଛନ୍ତି ବୋଲି ସୂଚନା ଦେଇଛନ୍ତି ଗୃହ ମନ୍ତ୍ରୀ ଅମିତ ଶାହ । ଦିନ ଥିଲା ଯେତେବେଳେ ଦେଶର ୧୨ଟି ରାଜ୍ୟର ପ୍ରାୟ ୭୦ ପ୍ରତିଶତ ଭୂଭାଗ ନକ୍ସଲବାଦର କରାଳ ଛାୟାରେ ଥିଲା, ଯାହା ପ୍ରାୟ ୨୦ କୋଟି ନାଗରିକଙ୍କୁ ପ୍ରଭାବିତ କରିଥିଲା । ସାଧାରଣରେ ଧାରଣା ଥିଲା ଯେ ଦାରିଦ୍ର୍ୟ ହିଁ ନକ୍ସଲବାଦର ମୁଖ୍ୟ କାରଣ, କିନ୍ତୁ ୧୯୬୦ ଦଶକର ତଥ୍ୟ ଏହି ଭ୍ରାନ୍ତ ଧାରଣାକୁ ଭୁଲ ପ୍ରମାଣିତ କରିଛି । ତଥ୍ୟ ଅନୁସାରେ, ସେତେବେଳେ ନକ୍ସଲବାଡ଼ି ଅଂଚଳର ମୁଣ୍ଡପିଛା ଆୟ ସହର୍ଶା ପରି ଅଣ-ପ୍ରଭାବିତ ଅଂଚଳ ତୁଳନାରେ ଅଧିକ ଥିଲା । ଏଥିରୁ ସ୍ପଷ୍ଟ ହୁଏ ଯେ, ଏହି ଆନ୍ଦୋଳନ ପଛରେ ଦାରିଦ୍ର୍ୟ ନୁହେଁ, ବରଂ ଏକ ନିର୍ଦ୍ଦିଷ୍ଟ ବିଚାରଧାରା କାର୍ଯ୍ୟ କରୁଥିଲା । ଦେଶରେ ନକ୍ସଲବାଦ ୨୦ ହଜାରରୁ ଅଧିକ ଜୀବନ ନେଇଛି, ସେମାନଙ୍କ ମଧ୍ୟରୁ ୫୦୦୦ରୁ ଅଧିକ ସୁରକ୍ଷାକର୍ମୀ ଅନ୍ତର୍ଭୁକ୍ତ । ସାଧାରଣ ଜନତାଙ୍କଠାରୁ ନକ୍ସଲମାନେ ବର୍ଷକୁ ୨୪୦ କୋଟିର ତଥାକଥିତ ଟିକସ ଆଦାୟ କରୁଥିଲେ । ସେହିପରି ନକ୍ସଲମାନେ ବ୍ୟବହାର କରୁଥିବା ପ୍ରାୟ ୯୨ ପ୍ରତିଶତ ଅସ୍ତ୍ରଶସ୍ତ୍ର ଥାନା ଓ ଅସ୍ତ୍ରାଗାରରୁ ଲୁଟ ହୋଇଥିଲା । ୨୦୦୫ରେ ନକ୍ସଲମାନେ ଜାହାନାବାଦ ଜେଲ ଓ ସିଆରପିଏଫ ଶିବିର ଉପରେ ଆକ୍ରମଣ କରିବା ୩୮୯ ଜଣ ବନ୍ଦୀଙ୍କୁ ଛାଡ଼ିଦେଇଥିଲେ । ନକ୍ସଲମାନେ କେବଳ ଜଙ୍ଗଲରେ ରହି ଲଢୁନଥିଲେ, ବରଂ ହର୍ଷ ମନ୍ଦର, ବିନାୟକ ସେନଙ୍କ ପରି ସହରୀ ନକ୍ସଲଙ୍କ ଦ୍ୱାରା ସେମାନଙ୍କୁ ବୌଦ୍ଧିକ ଓ ନୀତିଗତ ସହାୟତା ପ୍ରଦାନ କରାଯାଉଥିଲା । ଦେଶକୁ ନକ୍ସଲମୁକ୍ତ କରିବା ପଛରେ ସୁରକ୍ଷାବାହିନୀର ବଡ଼ ହାତ ରହିଛି । ନକ୍ସଲମାନଙ୍କ ବିରୋଧରେ ସୁରକ୍ଷାବାହିନୀ ପକ୍ଷରୁ କରାଯାଇଥିବା କେତେକ ଉଲ୍ଲେଖନୀୟ ଅପରେସନ ହେଲା ବିହାରରେ ଅପରେସନ ଅକ୍ଟୋପସ୍, ଝାଡ଼ଖଣ୍ଡରେ ଅପରେସନ ଥଣ୍ଡରଷ୍ଟର୍ମ ଓ ଅପରେସନ ଡବଲବୁଲ୍, ଛତିଶଗଡ଼ରେ ଅପରେସନ ବ୍ଲାକ୍ ଫରେଷ୍ଟ ।

# ଜୁନ୍ ୨୬ରେ ଟିମ ଇଣ୍ଡିଆ ପକ୍ଷରୁ ପଦାର୍ପଣ ମ୍ୟାଚ ଖେଳି ପାରନ୍ତି ବୈଭବ



ନୂଆଦିଲ୍ଲୀ: ଚଳିତ ଆଇପିଏଲରେ ବୈଭବ ସୂର୍ଯ୍ୟବଂଶୀ ୧୫ ବଲରେ ଅର୍ଦ୍ଧଶତକ ମାରି ପୂନର୍ବାର ଚର୍ଚ୍ଚାରେ ରହିଛନ୍ତି । ସେ ଟିମ ଇଣ୍ଡିଆ ପାଇଁ ପ୍ରସ୍ତୁତ ହୋଇଗଲେଣି ପୂର୍ବତନ କ୍ରିକେଟରମାନେ ମତ ରଖିଛନ୍ତି । ନଭୋଜତ ସିଂ ସିନ୍ଧୁ, ମହମ୍ମଦ କୈଫ, ଅମ୍ବାତି ରାୟୁଡୁ ଓ ପୀୟୂଷ ଚାୱଲାଙ୍କ କହିବା ଅନୁସାରେ ବୈଭବଙ୍କୁ ସୁଯୋଗ ପ୍ରଦାନ କରା ଗଲେ କିଛି ଭୁଲ ହେବନି । ଆଇପିଏଲ ୨୦୨୬ରେ ସେ ଯଦି ଏହ ଭଳି ପ୍ରଦର୍ଶନ ଜାରୀ ରଖିବେ ତେବେ ଆୟର୍ଲାଣ୍ଡ ବିପକ୍ଷ ଟି୨୦ ସିରିଜରେ ଭାରତୀୟ ଦଳରେ ସ୍ଥାନ ପାଇ ପାରନ୍ତି । ଏହାର ପ୍ରଥମ ମ୍ୟାଚ ଜୁନ ୨୬ରେ ଖେଳାଯିବ । ବୈଭବ ଏହି ସିରିଜ ମାଧ୍ୟମରେ ନିଜ ଆନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିପାରନ୍ତି । ସଞ୍ଜୁ ସାମସନ, ଅଭିଷେକ ଶର୍ମା ଓ ଈଶାନ କିଶାନଙ୍କ ଉପସ୍ଥିତିରେ ବୈଭବ ତାଙ୍କ ସ୍ଥାନ ହାସଲ କରିବା କଷ୍ଟକର ମନେ ହେଉଛି । ଭାରତୀୟ ଟିମ ଏହି ଗସ୍ତ ପରେ ଇଂଲଣ୍ଡ ବିପକ୍ଷରେ ସିରିଜ ଖେଳିବେ । ଏହାକୁ ଦୃଷ୍ଟିରେ ରଖି ବିସିସିଆଇ କେତେଜଣ ସିନିୟର ଖେଳାଳିଙ୍କୁ ବିଶ୍ରାମ ଦେଇପାରେ । ଯଦି ଏହା ହୁଏ ତେବେ ବୈଭବ ସୁଯୋଗ ପାଇପାରିବେ । ସେ ଆଇପିଏଲରେ ମାତ୍ର ୮ଟି ମ୍ୟାଚରେ ୨୯ ଛକା ମାରି ସାରିଛନ୍ତି । ତାଙ୍କର ଷ୍ଟ୍ରାଇକ ରେଟ ୨୧୮ରୁ ଉର୍ଦ୍ଧ୍ୱ ହେବ ।

# ଆନ୍ତର୍ଜାତୀୟ ହକିରୁ ଅବସର ଘୋଷଣା କଲେ ମିଷ୍ଟର ବ୍ୟାକହ୍ୟାଣ୍ଡ



ନୂଆଦିଲ୍ଲୀ: ଭାରତର ଷ୍ଟାର ହକି ଖେଳାଳି ଗୁରଜନ୍ତ ସିଂ ଆନ୍ତର୍ଜାତୀୟ ହକିରୁ ଅବସର ଘୋଷଣା କରିଛନ୍ତି । ହକି ଇଣ୍ଡିଆ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ କାର୍ଯ୍ୟକ୍ରମରେ ସେ ଏହା ଘୋଷଣା କରିଛନ୍ତି । ଭାରତୀୟ ହକିର ଜଣେ ଭଲ ଫରୱାର୍ଡ ଖେଳାଳି ଭାବେ ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ୨୦୨୨ ଏସିଆନ ଗେମ୍ସ ଓ ୨୦୧୬ ଜୁନିୟର ହକି ବିଶ୍ୱକପ ବିଜେତା ଟିମର ସଦସ୍ୟ ଥିଲେ । ସେ ୨୦୨୦ ଓ ୨୦୨୪ ଅଲିମ୍ପିକ୍ସ ଟିମରେ ମଧ୍ୟ ସ୍ଥାନ ପାଇଥିଲେ । ଭଉଇମାନଙ୍କୁ ହକି ଖେଳୁଥିବା ଦେଖି ସେ ୨୦୦୫ରେ ସେ ଚଣ୍ଡୀଗଡ ହକି ଏକାଡେମୀରେ ଯୋଗ ଦେଇଥିଲେ । ୨୦୧୧ରେ ସୁରଜିତ ହକି ଏକାଡେମୀରେ ପରେ ପ୍ରଶିକ୍ଷଣ ନେଇଥିଲେ । ଖୁବ କମ ସମୟରେ ସେ ଘରୋଇ ହକି ପ୍ରତିଯୋଗିତାରେ ଏକ ପରିଚିତ ଚେହେରା ପାଲଟି ଯାଇଥିଲେ । ୨୦୧୬ରେ ସେ ଜୁନିୟର ହକି ବିଶ୍ୱକପ ଟିମରେ ସ୍ଥାନ ପାଇଥିଲେ । ବେଙ୍ଗାଲୁରର ସାଇ ଏକାଡେମୀରେ ପ୍ରଶିକ୍ଷଣ ନେଇଥିଲେ । ତାଙ୍କ ପ୍ରଦର୍ଶନ ବଳରେ ଭାରତ ବିଶ୍ୱକପରେ ସ୍ୱର୍ଣ୍ଣ ପଦକ ଜିତିଥିଲା । ଜର୍ମାନୀର ମହାନ ହକି ଖେଳାଳି ଫ୍ଲୋରିୟନ ଫୁଚସ ତାଙ୍କୁ ମିଷ୍ଟର ବ୍ୟାକହ୍ୟାଣ୍ଡ ନାମ ଦେଇଥିଲେ । ସିନିୟର ଟିମ ପକ୍ଷରୁ ସେ ୨୦୧୭ରେ ବେଲଜିୟମ ବିପକ୍ଷରେ ଖେଳିଥିଲେ । ପରେ ଖରାପ ଫର୍ମ ଯୋଗୁ ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡା ଓ ଏସିଆନ ଗେମ୍ସରେ ତାଙ୍କୁ ସ୍ଥାନ ମିଳି ନ ଥିଲା । ୨୦୨୦ ଏଫଆଇଏଚ ପ୍ରୋ ଲିଗରେ ସେ ନେଦରଲାଣ୍ଡ ବିପକ୍ଷରେ ମାତ୍ର ୧୩ ସେକେଣ୍ଡରେ ଦ୍ରୁତ ଗୋଲ ସ୍କୋର କରିଥିଲେ । ଭାରତୀୟ ଖେଳାଳିଙ୍କ ମଧ୍ୟରେ ଏହା ଦ୍ରୁତତମ ଥିଲା ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି
BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**